

ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା

ଯାଜପୁର ଅଫିସ,୧୬।୭

## ଆବାସ ଯୋଜନାରେ ଦୁର୍ନୀତି



- ଘର ସମ୍ପୂର୍ଣ୍ଣ କରି ପ୍ରାପ୍ୟରୁ ବଞ୍ଚିତ ହିତାଧିକାରୀ
- କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ବଢୁଛି ଅନିୟମିତତା
- ଦବିଗଲା ବିଞ୍ଝାରପୁର ଆବାସ ଦୁର୍ନୀତି ମାମଲା

ରାଜ୍ୟରେ ଗତ ୨ ବର୍ଷରେ ୮୩୬ ଦୁର୍ନୀତିଖୋର ଅଫିସର ଦଣ୍ଡିତ ହୋଇଛନ୍ତି। ଏଥିରେ ୭୯ ନିଲମ୍ବନ, ୨୨ ଜଣଙ୍କୁ କାର୍ଯ୍ୟରୁ ଅନ୍ତର, ୩୫ଜଣଙ୍କ ନାମରେ ଡ୍ରାଫ୍ଟଚାର୍ଜ, ୨୬୮ ଜଣଙ୍କୁ କାହିଁକି ଚାକିରିରୁ ନିଲମ୍ବନ କରା ନ ଯିବ ସେନେଇ କାରଣ ଦର୍ଶାଅ ନୋଟିସ ଏବଂ ୪୩୨ ଜଣଙ୍କୁ ଦୁର୍ନୀତି ଅଭିଯୋଗରେ ଜବାବ ମଗାଯାଇଛି। ଯାଜପୁର ଜିଲାରେ ସର୍ବାଧିକ ୧୬୨ଜଣ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଛି। ମଙ୍ଗଳବାର ବିଧାୟକ ସନ୍ତୋଷସିଂ ସାଲୁଜାଙ୍କ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପ୍ରତାପ ଜେନା ଏଭଳି ଉତ୍ତର ରଖିଛନ୍ତି। ତେବେ ଜିଲାରେ ଯେଉଁ ପରିମାଣରେ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହେଉଛି ତାଠାରୁ ଯଥେଷ୍ଟ ଅଧିକ ଅଧିକାରୀ ଦୁର୍ନୀତିରେ ସମ୍ପୃକ୍ତ ହେଉଛନ୍ତି ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନଗଣ୍ୟ ବୋଲି ଆଲୋଚନା ହେଉଛି। ବିଶେଷକରି ରାଜୀବ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ବହୁ ଅନିୟମିତତା ପ୍ରମାଣିତ ହୋଇଥିଲେ ହେଁ ସମ୍ପୃକ୍ତ ଅଧିକାରୀଙ୍କୁ ବିଭିନ୍ନ ସ୍ତରରେ ସୁରକ୍ଷା ପ୍ରଦାନ କରାଯାଉଛି। ଆବାସ ଯୋଜନାରେ ଘର ସମ୍ପୂର୍ଣ୍ଣ କରବା ପରେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ମିଳୁ ନାହିଁ। ଏପରିକି ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକରେ ଧାନକିଣା ଦୁର୍ନୀତି ମାମଲା ଜିଲାରେ ରେକର୍ଡ ସୃଷ୍ଟି କରିଥିଲେ ହେଁ ସମ୍ପୃକ୍ତ କର୍ମଚାରୀ କିମ୍ବା ଅଧିକାରୀମାନେ ସହଜରେ ଖସି ଯାଇଛନ୍ତି।

ଯାଜପୁର ଜିଲାରେ ପ୍ରାୟ ୨ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଜିଲାରେ କାର୍ଯ୍ୟକାରୀ ହୋଇଛି। ଅନ୍ୟପକ୍ଷେ ଗତ ୩ବର୍ଷରେ ୯ହଜାରରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ସହିତ ବିଜୁପକ୍କା ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେବେ ଚଳିତ ବର୍ଷ ପୁଣି ୩୦ ହଜାର ଆବାସ ଯୋଗାଇ ଦେବାକୁ ବରାଦ ହୋଇଥିବା ସୂଚନା ମିଳିଛି। ଇତିମଧ୍ୟରେ ଆବାସ ଯୋଜନାରେ ଅନେକ ଦୁର୍ନୀତିର ଉଦାହରଣ ଦେଖିବାକୁ ମିଳିଛି। ବହୁ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିଥିଲେ ହେଁ ଫାଇନାଲ ବିଲ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଲାର ବଡ଼ଚଣା ବ୍ଲକ ଚାରିନଙ୍ଗଳ ଗ୍ରାମର ପରମାଦ୍ରିଦେବ ବଳସାମନ୍ତ ଏକ ପ୍ରଧାନମନ୍ତ୍ରୀ ଆବାସ ପାଇଥିଲେ। ଗତ ୬ମାସ ହେଲା ସେ ଘର ସମ୍ପୂର୍ଣ୍ଣ କରି ସାରିଛନ୍ତି। କିନ୍ତୁ ଏଯାଏ ଫାଇନାଲ ବିଲ୍ ସେ ପାଇନାହାନ୍ତି। ବିଲ୍ ପାଇଁ ବାରମ୍ବାର ଗୁହାରି କରିଥିବା ସତ୍ତ୍ୱେ ସୁଫଳ ନ ମିଳିବାରୁ ସେ ପ୍ରଧାନମନ୍ତ୍ରୀ ପ୍ରକୋଷ୍ଠରେ ୧୩।୫।୨୦୧୯ ତାରିଖରେ ଅଭିଯୋଗ କରିଥିଲେ। ଏହାପରେ ଭାରତ ସରକାରଙ୍କ ଗୃହ ଓ ନଗର ମନ୍ତ୍ରଣାଳୟରୁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବଙ୍କୁ ତୁରନ୍ତ ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି। ସେହିପରି କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ରାଜସ୍ୱ ଗ୍ରାମର ଶ୍ରୀନନ୍ଦ କିଶୋର ହାତୀ ଓ ଭାଗୀନ ହାତୀ ଦୀର୍ଘ ୬ ମାସ ଆବାସ ସମ୍ପୂର୍ଣ୍ଣ କରିଥିଲେ ହେଁ ଆବଶ୍ୟକ ବିଲ୍ ପାଇ ନାହାନ୍ତି। ବାରମ୍ବାର ବ୍ଲକ କର୍ତ୍ତୃପକ୍ଷଙ୍କୁ ବକେୟା ପାଉଣା ଦେବାକୁ ଅନୁରୋଧ କରୁଥିଲେ ହେଁ ତାଙ୍କ କଥା କେହି ଶୁଣୁ ନାହାନ୍ତି। ଅପରପକ୍ଷେ ବିଞ୍ଝାରପୁର ବ୍ଲକରେ ଆବାସ ଦୁର୍ନୀତି ସୀମା ଲଂଘିଛି। ଏହି ବ୍ଲକରେ ମୃତ ବ୍ୟକ୍ତି, ସରକାରୀ କର୍ମଚାରୀ ଓ କୋଟିପତି ହିତାଧିକାରୀମାନେ ଆବାସ ଯୋଜନାରେ ଉପକୃତ ହୋଇଛନ୍ତି। ଗ୍ରାମୀଣ ଆବାସ ଦୁର୍ନୀତି ସମ୍ପର୍କରେ ବିଶିଷ୍ଟ ସାମାଜିକ କର୍ମୀ ଏସମ୍ପର୍କରେ ପ୍ରମାଣ ତଥ୍ୟ ସହ ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ୨୦୧୭ ନଭେମ୍ବର ୧୨ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ୨ବର୍ଷ ହେବାକୁ ବସିଥିବାବେଳେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଏଯାବତ୍ ତଦନ୍ତ ରିପୋର୍ଟ ଦାଖଲ ହୋଇ ନାହିଁ। ଯାଜପୁର ପୌରାଞ୍ଚଳରେ ରାଜୀବ ଆବାସ ଯୋଜନାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସିଏଜି ରିପୋର୍ଟରେ ଧରା ପଡିଛି। ଯାହାକି ଏବେ ଦବି ଯାଇଛି। ଭାଗଚାଷୀଙ୍କ ନାମରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ବନ୍ଧାଳ, ମଙ୍ଗଳପୁର, ମାର୍କଣ୍ଡପୁର, ରେଖିଦେଇପୁର, ବ୍ରହ୍ମବରଦା ଆଦି ପ୍ୟାକ୍ସରେ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଛି। ତଥାପି ଜିଲାରେ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଏପରି କି ବଦଳି ଆଦେଶକୁ ମଧ୍ୟ ରାତାରାତି ରଦ୍ଦ କରି ଦିଆଯାଉଛି। ଯାଜପୁର ତହସିଲ୍‌ରେ ପ୍ରାୟ ୫କୋଟି ଟଙ୍କାର ଦୁର୍ନୀତି ହୋଇଥିବା ପ୍ରମାଣିତ ହୋଇଥିଲା। ତଥାପି ସମ୍ପୃକ୍ତ ଅଧିକାରୀଙ୍କୁ ମାଫ୍ କରି ଛାଡ଼ି ଦିଆଯାଇଛି। ଏପରି ଅନେକ ଦୁର୍ନୀତି ମାମଲା ଜିଲାରେ ସଂଗଠିତ ହୋଇଛି। ଏସଂକ୍ରାନ୍ତରେ ଡିଆରଡିଏର ପ୍ରକଳ୍ପ ସଂଯୋଜକ ମନୋଜ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଯେଉଁଠି ଦୁର୍ନୀତି ଅଭିଯୋଗ ହୋଇଛି ସେଠାରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତାଙ୍କ ସମୟରେ ୨ଜଣ ଭିଏଲ୍‌ଡବ୍ଲ୍ୟୁଙ୍କୁ ନିଲମ୍ବନ କରାଯାଇଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଜ୍ଞାତସାରରେ କୌଣସିପ୍ରକାର ସହଯୋଗ କରାଯାଉ ନାହିଁ ବୋଲି ବେହେରା କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଠାରୁ ୬୦ଗ୍ରାମ୍ ଅଫିମ, ୩କେଜି ଗଞ୍ଜେଇ ଜବତ

**ଯାଜପୁର ଟାଉନ,୧୬।୭(ଡି.ଏନ୍.ଏ.):** ଯାଜପୁର ସହରରେ ଚୋରା ନିଶା କାରବାର କରୁଥିବା ଜନୈକା ମହିଳାଙ୍କୁ ମଙ୍ଗଳବାର ଅବକରୀ ବିଭାଗ ଗିରଫ କରିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡ(ଯଯାତିନଗର)ରେ ଦୀର୍ଘଦିନ ଧରି ଚୋରା କାରବାର କରୁଥିବା ୫୩ ବର୍ଷିଆ ଶକୁନ୍ତଳା ସାହୁଙ୍କ ଘର ଉପରେ ପୂର୍ବାହ୍ନ ୯ଟାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୩କେଜି ୧ଶହ ଗ୍ରାମର ଗଞ୍ଜେଇ ଜବତ କରାଯିବା ସହ ଶକୁନ୍ତଳାଙ୍କ ନିକଟରୁ ୬୦ଗ୍ରାମ୍ ଓଜନର ଅଫିମ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଅବକାରୀ ବିଭାଗର ଉପଅଧିକ୍ଷକ ପ୍ରସନ୍ନ କୁମାର ନାୟକ, ସବ୍‌ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ଦାସ, ବାସନ୍ତୀ ସିର୍କା, ଏଏସ୍‌ଆଇ ସତ୍ୟ ପ୍ରଧାନ, ବିପିନ୍ ପ୍ରଧାନ, କ୍ଷିରୋଦ ସାହୁ, ସ୍ୱର୍ଣ୍ଣଲତା ଦାସ, ରଶ୍ମୀତା ତରାଇ, ସରୋଜ କୁମାର ବେହେରା, ଗୟାଧର ସେଠୀ ସହ ଯାଜପୁର ଥାନା ହାବିଲଦାର କଳ୍ପତରୁ ସାହୁ, ବିଦ୍ୟୁଲତା କର ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ଶକୁନ୍ତଳାଙ୍କ ସ୍ୱାମୀ ଅମର ସାହୁ ଚୋରା ଗଞ୍ଜେଇ, ଅଫିମ ବେପାର କରିଆସୁଥିଲେ। ତାଙ୍କ ମୃତ୍ୟୁ ପରେ ଶକୁନ୍ତଳା ଏହି ଚୋରା ବେପାର କରିଆସୁଥିବା ଅଭିଯୋଗ ହେଉଥିଲା।

### ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

**କୋରେଇ୧୬।୭(ସ୍ୱ.ପ୍ର.):** କୋରେଇ ବ୍ଲକ ନିକଟବର୍ତ୍ତୀ ହଳଦିଗଡିଆ ଗ୍ରାମରେ ଥିବା ଏକ ବିଲରେ ମଙ୍ଗଳବାର ସକାଳେ ଟ୍ରାକ୍ଟର ହଳ କରୁଥିବାବେଳେ ଓଲଟି ପଡ଼ି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଦିଗାମ୍ବର ବାରିକ (୨୧)। ଖବରପାଇ କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତି ଓ ବୈତରଣୀ ରୋଡ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ଦ୍ୱାରା କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚାଳକଙ୍କ ବାମ ହାତ ଓ ଗୋଡ଼ରେ ଆଘାତ ଲାଗିଛି।

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

**ସିଂହପୁର,୧୬।୭(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ଥାଟୋଇଙ୍କ ଏକାଦଶାହରେ ମଙ୍ଗଳବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଅଚ୍ୟୁତ ସାମଲ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଧଳ, ଖବରଦାତା ଅନିରୁଦ୍ଧ ବେଉରିଆ, ଅଭୟ ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ଶ୍ରୀହରି ସାହୁ, ଉମାକାନ୍ତ ନାୟକ, ପଦ୍ମନାଭ ଦାଶ, ଅଶୋକ ଧଳ, ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ସ୍ୱର୍ଗତ ବ୍ରହ୍ମାନନ୍ଦ ଏକାଧାରରେ ଜଣେ ସାମାଜିକ କର୍ମୀ, ପରୋପକାରୀ ତଥା ମେଳାପି ବ୍ୟକ୍ତି ଭାବେ ପରିଚିତ ଥିଲେ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ ଜେନା ରାମଧୁନ ଗାନ କରିଥିଲେ। ପରିବାର ଓ ବନ୍ଧୁବର୍ଗ ସ୍ମୃତିଚାରଣ କରିଥିଲେ।

### ଇଣ୍ଟର ଷ୍ଟେଟ୍ କରାଟେ ଚାମ୍ପିୟନଶିପ୍ ଯାଜପୁରକୁ ୧୬ ପଦକ

**କାଳିଆପାଣି,୧୬।୭(ଡି.ଏନ୍.ଏ.):** ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ରେଲୱେ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଆୟୋଜିତ ୨ୟ ଆନ୍ତଃରାଜ୍ୟ କରାଟେ ଚାମ୍ପିୟନସିପ ପ୍ରତିଯୋଗିତାରେ ସୋମବାର ଯାଜପୁର ଜିଲାକୁ ୧୬ ପଦକ ମିଳିଛି। ଜାପାନ ସୋଟୋକାନ କରାଟେ ସ୍କୁଲର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାର ସ୍କୁଲ, କଲେଜରୁ ବିଭିନ୍ନ ବର୍ଗର ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଜିଲାର ବିଭିନ୍ନ ସ୍କୁଲରୁ ୧୦ ଜଣ ମନୋନୀତ ହୋଇଥିଲେ। ଅଙ୍କିତ କୁମାର ମହାନ୍ତ, ଅଭିଜିତ ମହାରଣା, ଆଶିଶ ରଞ୍ଜନ ସାହୁ କୁମୁତେରେ ସ୍ୱର୍ଣ୍ଣପଦକ ପାଇଥିବାବେଳେ ରୁଦ୍ରବିମ୍ବ ମଲ୍ଲିକକୁ ଉଭୟ କାତା ଓ କୁମୁତେରେ ସୌର୍ଣ୍ଣ ମିଳିଥିବା ଜଣାପଡ଼ିଛି। ଅଙ୍କିତ କୁମାର ମହାନ୍ତ, ବୈଭବ ମହାନ୍ତ, ଆଶିଶ ରଞ୍ଜନ ସାହୁ, ରିତିକ ବରାଳ, ଅଭିଜିତ ମହାରଣା କାତା ଓ ଦେବପ୍ରିୟ ରାଉତ, ରିତିକ ବରାଳ, ବୈଭବ ମହାନ୍ତଙ୍କୁ କୁମୁତେରେ ରୌପ୍ୟ ପଦକ ମିଳିଛି। ବିଶ୍ୱରଞ୍ଜନ ସାହୁ, ଦେବପ୍ରିୟ ରାଉତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ତେବେ ଜିଲାରୁ ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ହରିଦାସପୁର ଗୁରୁକୂଳ ପବ୍ଲିକ ସ୍କୁଲର ୬ ଜଣ ଛାତ୍ର ରହିଛନ୍ତି। ସତ୍ୟଜିତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀ ଭାଗନେଇଥିଲେ। ଏହି ସଫଳତା ପାଇଁ ଜିଲା ସାଟକାଇ ମୁଖ୍ୟ ବେଣୁଧର ମଲ୍ଲିକ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗଜାମରୁଡ଼ି ଆଶଙ୍କା, ଚିନ୍ତାରେ ଚାଷୀ

ସିଂହପୁର,୧୬।୭(ଡି.ଏନ୍.ଏ.)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ବର୍ଷା ଅଭାବରୁ ଗଜା ମରୁଡ଼ି ଆଶଙ୍କା ଦେଖାଦେଇଛି। ଗତ କିଛିଦିନ ହେଲା ବର୍ଷା ନ ଥିବାରୁ ସିଂହପୁର ଅଞ୍ଚଳରେ ଖରିଫ ଧାନଚାଷ କାର୍ଯ୍ୟରେ ବାଧା ଉପୁଜିଛି। ଏ ନେଇ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଚାଷ ଜମିଗୁଡିକ ପଡ଼ିଆ ପଡିରହିଛି। ଗତ ୧୦ ଦିନ ତଳେ ସାମାନ୍ୟ ବର୍ଷା ହେବାରୁ ଚାଷୀକୁଳ ଆଶ୍ୱସ୍ତି ଲାଭ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଚାଷୀ ତଳି ପକାଇଥିଲେ। କିନ୍ତୁ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁ ଗଜା ତଳି ନଷ୍ଟ ହେବାରେ ଲାଗିଛି। କିଛି ତଳି ପାଣି ଅଭାବରୁ ହଳଦିଆ ପଡିଗଲାଣି। ଏ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

# ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ

ଦଶରଥପୁର,୧୬।୭(ଡି.ଏନ.ଏ.)

## ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ଛାତ୍ର ଅଚେତ ଘଟଣା

ଦଶରଥପୁର ବ୍ଲକ ଅଧୀନ ଦଶରଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶିକାନ୍ତ ଦାସଙ୍କ ମାଡରେ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ଚେତାଶୂନ୍ୟ ହୋଇ ଗୁରୁତର ହୋଇଥିଲେ। ଏହି ଘଟଣାରେ ଜିଲା ଶିକ୍ଷାଧିକାରୀ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୧୦ ତାରିଖରେ ବିଦ୍ୟାଳୟରେ ୨ ଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଏହି ସମୟରେ ପ୍ରଧାନ ଶିକ୍ଷକ ଦୁହିଁଙ୍କ କାନମୁଣ୍ଡାକୁ ଚାପୁଡ଼ା ମାରିବାରୁ ଜଣେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ଗୁରୁତର ହୋଇପଡ଼ିଥିଲେ। ପରେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତାଙ୍କର ଚେତା ଆସିବା ପରେ ଅଧିକ ଚିକିତ୍ସା ପାଇଁ ପରିବାର ଲୋକେ କଟକ ନେଇଥିଲେ। ଅନ୍ୟପକ୍ଷରେ ଏପରି ଏକ ସମ୍ବେଦନଶୀଳ ଘଟଣା ଉପରେ ତଦନ୍ତ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀ ଗୟାଧର ନନ୍ଦଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ପ୍ରଧାନ ଶିକ୍ଷକ ଦାସଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ୍ ଉଠାଇ ନ ଥିଲେ।

### ରାସ୍ତାରେ ଘର ନିର୍ମାଣକୁ ବିରୋଧ

# ଗୋଷ୍ଠୀ ସଂଘର୍ଷ ୩ ଗୁରୁତର

ବିଞ୍ଝାରପୁର,୧୬।୭(ଡି.ଏନ୍.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମ ପଞ୍ଚାୟତ ଅଳକୁଣ୍ଡ ଗ୍ରାମ ରାସ୍ତାରେ ଘର ପାଇଁ ପିଲାର ନିର୍ମାଣକୁ ବିରୋଧବେଳେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଦେଖାଦେଇଛି। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶିବଚରଣ ବେହେରା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମର ଜଗବନ୍ଧୁ ବେହେରା ସର୍ବସାଧାରଣ ରାସ୍ତାରେ ଘର ପାଇଁ ପିଲାର ଖୋଳିଥିଲେ। ଏହାକୁ ସେହି ଗ୍ରାମର ଦିନବନ୍ଧୁ ବେହେରା ବିରୋଧ କରିବାରୁ ଜଗବନ୍ଧୁ କଟୁରୀରେ ମରାଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଆସିଥିବା ଶୁସାନ୍ତ ବେହେରା ଓ ସିଦ୍ଧିଲତା ବେହେରାଙ୍କୁ ମଧ୍ୟ ଜଗବନ୍ଧୁ କଟୁରୀରେ ଆକ୍ରମଣ କରିଥିଲେ। ସେମାନଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ବିଞ୍ଝାରପୁର ମେଡିକାଲରେ ଚିକିତ୍ସା ହୋଇ ଆସିବା ପରେ ଦିନବନ୍ଧୁ ଥାନାରେ ଅଭିଯୋଗ କରିଥିଲେ।

### ଆଦିବାସୀ ମହିଳାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡ

ଯାଜପୁର ଟାଉନ,୧୬।୭(ଡି.ଏନ୍.ଏ.)



ଜନୈକା ଆଦିବାସୀ ମହିଳାଙ୍କୁ ବଳାତ୍କାର କରିବା ମାମଲାର ବିଚାର କରି ମଙ୍ଗଳବାର ଯାଜପୁର ଜିଲା ଦୌରାଜଜ୍ ଜଣେ ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଅର୍ଥ ଦଣ୍ଡ ମଧ୍ୟ ଶୁଣାଇଛନ୍ତି। ପ୍ରକାଶ ଯେ, କଳିଙ୍ଗନଗର ଥାନା ଅନ୍ତର୍ଗତ ରାମଠେଙ୍ଗ ଗ୍ରାମର ଜଣେ ଆଦିବାସୀ ମହିଳା ୨୦୧୭ ଜାନୁୟାରୀ ୨୬ ତାରିଖରେ ଡୁବୁରୀ ହାଟରୁ କାମ ସାରି ଏକ ଟାଟା ମ୍ୟାଜିକ୍‌ରେ ଘରକୁ ଫେରୁଥିଲେ। ଉକ୍ତ ଗାଡ଼ିରେ ସେହି ରାମଠେଙ୍ଗ ଗ୍ରାମର ଲାଦୋର ମହାକୁଡ଼ ମଧ୍ୟ ଫେରୁଥିଲେ। ଗାଡ଼ିରୁ ଓହ୍ଲାଇ ଗ୍ରାମ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ନିଛାଟିଆ ସ୍ଥାନରେ ଉକ୍ତ ମହିଳାଙ୍କୁ ଅଭିଯୁକ୍ତ ଲାଦୁର ଜୋରଜବରଦସ୍ତ ବଳାତ୍କାର କରିଥିଲେ। ସେହି ସମୟରେ ସେହି ବାଟଦେଇ ଯାଉଥିବା ଦୁଇ ଜଣ ମହିଳା ଏହା ଦେଖି ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଖସି ପଳାଇ ଯାଇଥିଲେ। ଘରକୁ ଯାଇ ପୀଡିତା ତାଙ୍କ ସ୍ୱାମୀକୁ ଘଟଣା ବିଷୟରେ କହିବା ପରେ ଘଟଣା ପରଦିନ ଅର୍ଥାତ ଜାନୁୟାରୀ ୨୭ତାରିଖରେ ମହିଳାଙ୍କ ସ୍ୱାମୀ କଳିଙ୍ଗନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଆଇପିସି ଦଫା ୩୭୬(କ) ଓ ୩ (୨) ଏବଂ ଅନୁସୁଚିତ ଜାତି ଓ ଜନଜାତି ସୁରକ୍ଷା ଆଇନରେ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କ ଡାକ୍ତରୀମାଇନା କରିଥିଲେ। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ଲାଦୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଶୁଣାଣି ସମୟରେ ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ୧୩ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ଲାଦୋରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ସମରେନ୍ଦ୍ର ଦାସ ମାମଲାକୁ ପରିଚାଳନା କରିଥିଲେ।

# ଅତିଥି ଶିକ୍ଷକ ବଦଳରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

ଧର୍ମଶାଳା,୧୬।୭(ଡି.ଏନ୍.ଏ.)

ଯାଜପୁର ଜିଲା ଶିକ୍ଷଧିକାରୀଙ୍କ କାର୍ଯ୍ୟାଳୟ ଧର୍ମଶାଳା ବ୍ଲକରେ ଅନେକ ଅତିଥି ଶିକ୍ଷକ ଦୀର୍ଘବର୍ଷ ଧରି ନିଯୁକ୍ତି ପାଇ ଆସୁଛନ୍ତି। ବ୍ଲକରେ ଥିବା ହାଇସ୍କୁଲଗୁଡିକରେ ୪୦ରୁ ଊର୍ଦ୍ଧ୍ୱ ଶିକ୍ଷକ ନାହାଁନ୍ତି। ଫଳରେ ଓଡ଼ିଆ, ସଂସ୍କୃତ, ଇଂଲିସ, ଗଣିତ, ବିଜ୍ଞାନ ଓ ହିନ୍ଦୀ ପ୍ରଭୃତି ବିଷୟରେ ପଠାଇବା ପାଇଁ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଛି। ଏହି ଅତିଥି ଶିକ୍ଷକମାନେ ପେନ୍‌ଶନ ପାଇବା ସହ ମାସିକ ୧୨ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସୁବିଧା ଉପଭୋଗ କରୁଛନ୍ତି। ଅପରପକ୍ଷେ ଅନେକ ମେଧାବୀ ତାଲିମ ଛାତ୍ରୀଛାତ୍ର ବିଇଡି, ଏମ୍‌ଇଡି ପାସକରି ବେକାର ହୋଇ ଘରେ ବସିଛନ୍ତି। ହେଲେ ଅବସର ପାଇଥିବା ଶିକ୍ଷକମାନଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଇଥିବା ବେଳେ ମେଧାବୀ ଛାତ୍ରୀଛାତ୍ର ଶିକ୍ଷକତା କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜିଲା ଶିକ୍ଷା କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ହାତକରି ଅବସରପ୍ରାପ୍ତ ଶିକ୍ଷକମାନେ ପୁନଃ ଅତିଥି ଶିକ୍ଷକଭାବେ ନିଯୁକ୍ତି ପାଇଯାଉଥିବା ବହୁ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସରକାରୀ ହାଇସ୍କୁଲଗୁଡିକରେ ଶିକ୍ଷାର ଅଧୋଗତି ଯୋଗୁ ଘରୋଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ପାଇଁ ଅବିଭାବକ ପସନ୍ଦ କରୁଥିବା ଜଣାପଡିଛି। ଘରୋଇ ସ୍କୁଲଗୁଡିକରେ ଅଳ୍ପ ଦରମାରେ ତାଲିମ୍ ମେଧାବୀ ଉଚ୍ଚ ଶିକ୍ଷିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷକତା କରିବା ପାଇଁ ଘରୋଇ ସ୍କୁଲ ପରିଚାଳକ ସୁଯୋଗ ଦେଉଛନ୍ତି। ହାଇସ୍କୁଲ ଶିକ୍ଷାଦାନ ସମ୍ପର୍କରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ହାଇସ୍କୁଲର ମାଟ୍ରିକ୍ ପରୀକ୍ଷା ଫଳ ସମୀକ୍ଷା ସହ ଶିକ୍ଷା ସମ୍ପର୍କୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ପାଇଁ ପନ୍ଥା ନିର୍ଦ୍ଧାରଣ କରିବା ନିମନ୍ତେ ବିଧାୟକ ଓ ଶିକ୍ଷା ବିଭାଗ ଜିଲା ଅଧିକାରୀଙ୍କୁ ଅଭିଭାବକ ଓ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି। ଏଥିସହ ଅସ୍ଥାୟୀ ଭାବରେ ହେଉକି ପରିଚାଳନା କମିଟି ପକ୍ଷରୁ ବେସରକାରୀ ହାଇସ୍କୁଲଗୁଡିକରେ ସ୍ଥାନୀୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବା ପାଇଁ ବେକର ସିଟି ଓ ବିଇଡି ଛାତ୍ରୀଛାତ୍ର ଦାବି କରିଛନ୍ତି।

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ

ଯାଜପୁରରୋଡ,୧୬।୭(ନି.ପ୍ର.)

ଯାଜପୁରରୋଡ ପତଞ୍ଜଳୀ ଯୋଗସମିତି ପକ୍ଷରୁ ମଙ୍ଗଳବାର ଚୋରଦା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଗୁରୁ ପୂର୍ଣ୍ଣିମା ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ନୃସିଂହଚରଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ, ଯୋଗ ପ୍ରଶିକ୍ଷକ ବଟକୃଷ୍ଣ ପ୍ରଧାନ, ଉପଦେଷ୍ଟା ଚିନ୍ତାମଣି ପାଢ଼ୀ, ଆଇନଜୀବୀ ଲୋକନାଥ ରାଉତ ପ୍ରମୁଖ ଯୋଗଦେଇ ପୂଣ୍ୟଭୂମି ଭାରତ ବର୍ଷର ଗୁରୁ ପୂଜନର ପରମ୍ପରା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଯୋଗ ପ୍ରଶିକ୍ଷକ ବିବେକାନନ୍ଦ ଜେନା, ମାନଗୋବିନ୍ଦ ପଣ୍ଡା, ଅରୁଣା ଖଣ୍ଡାୟୀଙ୍କ ସମେତ ବହୁ ଯୋଗପ୍ରେମୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଗରୁପୂଜନ କରିଥିଲେ। ଏହି ଅବସରରେ ଯୋଗ ଗୁରୁ ବଟକୃଷ୍ଣ ପ୍ରଧାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଳିଙ୍ଗନଗର ରୋଟାରୀ କ୍ଲବର ନବ ନିଯୁକ୍ତ ସଭାପତି ଲୋକନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛ ଓଡ଼ିଶା ସମ୍ପର୍କିତ କର୍ମଶାଳା ପ୍ରହସନ

# ରାସ୍ତାକଡ଼ରେ ଗଦା ହୋଇଛି ଅଳିଆ

ଯାଜପୁରରୋଡ,୧୬।୭(ନି.ପ୍ର.)



ବ୍ୟାସନଗର ପୌର ପରିଷଦକୁ ପ୍ରଦୂଷଣମୁକ୍ତ ତଥା ସ୍ୱଚ୍ଛ ରଖିବା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଜୁନ୍ ୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ କର୍ମଶାଳାରେ ଯୋଗଦେଇ ସହରକୁ ପରିଚ୍ଛନ୍ନ ରଖିବା ସହ ବର୍ଜ୍ୟବସ୍ତୁମୁକ୍ତ ସହର ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବର୍ଜ୍ୟବସ୍ତୁଗୁଡିକୁ ଡଷ୍ଟବିନ୍‌ରେ ପକାଇ ସେଥିରୁ ସାର ଉତ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ମାସେ ମଧ୍ୟରେ ବ୍ୟାସନଗର ସ୍ୱଚ୍ଛ ସହରରେ ପରିଣତ ହେବ ବୋଲି କହିଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପୌର ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳଙ୍କ ବକ୍ତବ୍ୟ ପ୍ରତିଶ୍ରୁତିରେ ରହିଗଲା। ସମଗ୍ର ପୌରାଞ୍ଚଳରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡିରହିଛି। ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବର୍ଷାପାଣି ନିଷ୍କାସନରେ ବାଧା ହେଉଛି। ଦୁର୍ଗନ୍ଧ ପାଣିଗୁଡିକ ରାସ୍ତା ଉପରେ ଚାଲୁଛି। ଫଳରେ ସହରରେ ମଶା, ମାଛିଙ୍କ ଉପଦ୍ରବ ବୃଦ୍ଧିପାଉଛି। ବ୍ୟାସନଗର ସହର କେବେ ସ୍ୱଚ୍ଛ ସହରରେ ପରିଣତ ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟର ଡ୍ରେନ୍ ଉନ୍ନତି ଯୋଜନାରେ କାର୍ଯ୍ୟ ୪ ମାସ ହେଲା ଚାଲିଥିଲେ ସୁଦ୍ଧା ତାହା ହୋଇପାରିନାହିଁ। ନିମ୍ନମାନର ଡ୍ରେନ୍ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡି ଶଢୁଛି। ସଫେଇ କାମ ପାଇଁ ଠିକା ନେଇଥିବା ଜାଗୃତି କମ୍ପାନୀର କର୍ମଚାରୀ ଅଭାବ ଓ କମ୍ପାନୀକୁ ପୌର ପରିଷଦ ପକ୍ଷରୁ ବିଲ୍ ପୈଠ କରାଯାଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି ବୋଲି କୁହାଯାଉଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ରାଷ୍ଟ୍ରପତି ସମ୍ମାନ ପାଇବେ ସ୍ୱାଧୀନତା ସଂଗ୍ରାମୀ ନୀଳମଣି

ଚଣ୍ଡିଖୋଲ,୧୬।୭(ଡି.ଏନ.ଏ.)- ଯାଜପୁର ଜିଲାର ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଅଗଷ୍ଟ ୯ କ୍ରାନ୍ତି ଦିବସରେ ରାଷ୍ଟ୍ରପତିଙ୍କଠାରୁ ତୃତୀୟ ଥର ସମ୍ମାନ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଉପସଚିବ ଆର.କେ. ମିଶ୍ର ପତ୍ର ଦ୍ୱାରା ଅବଗତ କରାଇଛନ୍ତି। ତାଙ୍କ ଘର ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମରେ। ସେ ପୂର୍ବରୁ ୨୦୦୯ ଓ ୨୦୧୪ରେ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ ହୋଇଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଐତିହାସିକ ତଥା ବୌଦ୍ଧ ଗବେଷକ ହରିଶ୍ଚନ୍ଦ୍ର ପୃଷ୍ଟି, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମୁଖ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ଫାଉଣ୍ଡେଶନ ସମ୍ପାଦକ ଶୁଭେନ୍ଦୁ ଭୂୟାଁ, ତହସିଲଦାର ଅଶୋକ କୁମାର ଦାସ, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ସଭାପତି ଭକ୍ତ ଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି ଓ କବି ଏକାଦଶୀ ସେଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ସ୍ମୃତିଚାରଣ ସଭା

ବରୀ/ରତ୍ନଗିରି, ୧୬।୭ (ସ୍ୱ.ପ୍ର./ଡି.ଏନ୍.ଏ.) ବରୀ ବ୍ଲକ ଅଧୀନ ଶଙ୍କରାକୁଳ ଗ୍ରାମର ଶହୀଦ ମନୋଜ କରଙ୍କ ମା' କନକଲତା (୭୦)ଙ୍କ ଦ୍ୱାଦଶାହ ଅବସରରେ ସୋମବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସେ ଗତ ୪ରେ ଦେହତ୍ୟାଗ କରିଥିଲେ। ପୂଜ୍ୟପୂଜା ପରିଷଦର ଆବାହକ ସତ୍ୟରଞ୍ଜନ କର ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଦେବପ୍ରସାଦ ସାମଲ ମୁଖ୍ୟ ଅତିଥି, କୁଞ୍ଜ ବିହାରୀ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଦୁର୍ଯ୍ୟୋଧନ ରଥ, ଶରତ ଚନ୍ଦ୍ର କର ଓ ବୃନ୍ଦାବନ ସାମଲ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜିନୀ ଉପାଧ୍ୟାୟ, ହରମୋହନ କର, ରତ୍ନାକର ଶତପଥୀ, ଅକ୍ଷୟ କୁମାର କର, ରାଜକିଶୋର କର, ମହେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତା କନକଲତାଙ୍କ ଜ୍ୟେଷ୍ଠ ପୁତ୍ର ପୀତବାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବାହାଘରରେ ଚାରା ଉପହାର ଦେଲେ ଅତିଥି

ଚଣ୍ଡିଖୋଲ,୧୬।୭(ଡି.ଏନ.ଏ.)- ପରିବେଶର ସନ୍ତୁଳନ ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ଗପୁର ଗ୍ରାମରେ ଗତ ରବିବାର ଏକ ବିବାହ ଉତ୍ସବରେ ଅତିଥିମାନେ ଚାରା ଉପହାର ଦେଇଥିବା ଦେଖିବାକୁ ମିଳିଛି। ଦୀର୍ଘ ୩୫ ବର୍ଷଧରି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଥିବା ଅଞ୍ଜନ କୁମାର ସାହୁ (ମୁନ୍ନା)ଙ୍କ ପୁଅ ସୁଶାନ୍ତଙ୍କ ବାହାଘରରେ ଏଭଳି ଏକ ପରମ୍ପରା ଦେଖିବାକୁ ମିଳିଥିଲା। ବିଶିଷ୍ଟ ଐତିହାସିକ ହରିଶ୍ଚନ୍ଦ୍ର ପୃଷ୍ଟି, ପରିବେଶବିତ୍ ପିବି.ଏସ. ପୃଷ୍ଟି, ସାମାଜିକକର୍ମୀ ରତିକାନ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସତ୍ୟାନନ୍ଦ ମଲ୍ଲିକ, ଏକାଦଶୀ ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଚାରା ଉପହାର ଦେବା ସହ ଚାରାରୋପଣ କରିଥିଲେ।

■ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରହସନ

# ଉଜ୍ଜ୍ୱଳ, ଉତ୍‌ଥାନ ଯୋଜନା ସଫଳତା ନେଇ ପ୍ରଶ୍ନବାଚୀ

ରସୁଲପୁର,୧୬।୭(ଡି.ଏନ୍.ଏ.)

ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ସରକାର ଅନେକ ଯୋଜନା କରୁଛନ୍ତି । ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ଏକ ନିୟମାଳୀ ଲାଗୁ କରୁଛନ୍ତି। ଏପରି କି ଏହାକୁ କାର୍ଯ୍ୟକାରୀ କରିବାକୁ ଖସଡ଼ା ବି ପ୍ରସ୍ତୁତ ହେଉଛି। ମାତ୍ର ଶିକ୍ଷା ବିଭାଗ ଏହାକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଉଛି। ଫଳରେ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି। ସରକାରଙ୍କ ଉଜ୍ଜ୍ୱଳ ଓ ଉତ୍‌ଥାନ ଯୋଜନା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଶିକ୍ଷାବର୍ଷ ଆରମ୍ଭରୁ ଏହି ଯୋଜନା ଅନ୍ତର୍ଗତ ପାଠ୍ୟକ୍ରମ ଆରମ୍ଭ ହୋଇ ୪୦ଦିନ ମଧ୍ୟରେ ଶେଷ ହେବା କଥା। ଏହାପରେ ପିଲାମାନେ ମୂଳ ପାଠ୍ୟକ୍ରମକୁ ଅଧ୍ୟୟନ କରିବେ। ମାତ୍ର ବିଦ୍ୟାଳୟ ଖୋଲିବାକୁ ଇତିମଧ୍ୟରେ ମାସେ ବିତିବାକୁ ବସିଲାଣି। ଏପର୍ଯ୍ୟନ୍ତ ଉଜ୍ଜ୍ୱଳ ଓ ଉତ୍‌ଥାନ ଯୋଜନା ପାଠ୍ୟକ୍ରମ ସମ୍ପର୍କିତ ବହି ଶତପ୍ରତିଶତ ପିଲାଙ୍କୁ ମିଳିପାରି ନାହିଁ। ଏଭଳି ସ୍ଥିତିରେ ଉଜ୍ଜ୍ୱଳ ଓ ଉତ୍‌ଥାନ ଯୋଜନାର ସଫଳତା ଉପରେ



ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨ୟ ରୁ ୫ମ ଶ୍ରେଣୀକୁ ନେଇ ଉଜ୍ଜ୍ୱଳ, ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଉତ୍‌ଥାନ ଯୋଜନା କାର୍ଯ୍ୟକାରୀ ହେଉଛି। ଉଜ୍ଜ୍ୱଳ ଯୋଜନା ଜରିଆରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଙ୍କୁ ଓଡିଆ ଓ ଗଣିତ ପାଠ୍ୟକ୍ରମ ବିଷୟରେ ପଢାଯିବ। ୪ର୍ଥ ଓ ୫ମ ଶ୍ରେଣୀ ପିଲାଙ୍କୁ ଓଡ଼ିଆ, ଗଣିତ, ଇଂଲିଶି ପାଠ୍ୟକ୍ରମ ପୁସ୍ତିକା ଜରିଆରେ ପାଠପଢା ହେବ। ସେହିପରି ଉତ୍‌ଥାନ ଯୋଜନାରେ ୬ଷ୍ଠ ରୁ ୮ମ ଶ୍ରେଣୀ ପିଲାଙ୍କୁ ଓଡ଼ିଆ, ଗଣିତ, ଇଂଲିଶି ଓ ବିଜ୍ଞାନ ଆଦି ବିଷୟରେ ପାଠ ପଢାଯିବ। ଏହି ପାଠ୍ୟକ୍ରମକୁ ନିର୍ଦ୍ଧାରିତ ସମୟ ସୀମା(ଜୁଲାଇ ୩୧ତାରିଖ) ମଧ୍ୟରେ ଶେଷ କରାଯିବା ସହ ବିଦ୍ୟାର୍ଥମାନଙ୍କୁ ନେଇ ଏକ ଦକ୍ଷତା ପରୀକ୍ଷା କରାଯିବ। ଏହି ଯୋଜନା ଜରିଆରେ ପ୍ରତ୍ୟେକ ପିଲା ନିଜସ୍ୱ ବହିରେ ଲେଖିବେ। ଏହି ବହି ଗୁଡିକ ବିଦ୍ୟାଳୟରେ ରହିବ। ଶିକ୍ଷୟିତ୍ରୀଶିକ୍ଷକମାନେ ତାର ମୂଲ୍ୟାୟନ କରିବେ। ମୂଲ୍ୟାଙ୍କନ ଅନୁସାରେ ପିଲାମାନଙ୍କୁ ୨ଟି ସ୍ତରରେ ବଛାଯିବ । ସ୍ତର-୧ ଓ ସ୍ତର-୨ ଦୁଇ ଭାଗରେ ବିଭକ୍ତ କରାଯାଇ ମୂଳ ପାଠ୍ୟକ୍ରମ ପଢାଯିବ । ସ୍ତର-୧ ପିଲାଙ୍କୁ ପର୍ଯ୍ୟାୟକ୍ରମେ ସ୍ତର-୨ ସହ ସମକକ୍ଷ କରିବା ସକାଶେ ଶିକ୍ଷକମାନେ ଗୁରୁତ୍ୱ ଦେବେ। ହେଲେ ଏ ପର୍ଯ୍ୟନ୍ତ ପିଲାମାନଙ୍କୁ ଶତପ୍ରତିଶତ ଉଜ୍ଜ୍ୱଳ ଉତ୍‌ଥାନ ପୁସ୍ତିକା ମିଳିପାରି ନାହିଁ। ତେବେ ଏହି ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ମୂଳ ପାଠ୍ୟକ୍ରମ ପାଇଁ ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୮ ପର୍ଯ୍ୟନ୍ତ ଚାଲିବ। ଏହା ଭିତରେ ଷଡ଼ମାସିକ ଓ ବାର୍ଷିକ ଦୁଇଟି ପରୀକ୍ଷା ବ୍ୟତୀତ ୪ଟି ମାସିକିଆ ପରୀକ୍ଷା ଅନୁଷ୍ଠିତ ହେବ। ଏପ୍ରିଲ ୨ରୁ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ବି ଗ୍ରୀଷ୍ମ ପ୍ରଭାବ କାରଣରୁ ବିଦ୍ୟାଳୟଗୁଡିକ ଛୁଟି ଥିଲା। ଛୁଟି ଖୋଲିବାକୁ ଆଉ ଦିନ କେଇଟା ପରେ ମାସେ ପୁରିବ। ଏମିତି କି ଶିକ୍ଷାବର୍ଷର ଅଧା ଅବଧି ବିତିଗଲାଣି। ଏବେ ବି ମୂଳପାଠ୍ୟକ୍ରମ ଆରମ୍ଭ ହୋଇନାହିଁ। ଏପରିକି ପୁସ୍ତକ ବି ଶତପ୍ରତିଶତ ପିଲାମାନଙ୍କୁ ସରକାର ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। ପାଠପଢାକୁ ନେଇ ସରକାରୀ ବିଦ୍ୟାଳୟଗୁଡିକରେ ଏକପ୍ରକାର ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଭାବକମାନେ ଏକ ପ୍ରକାର ଚିନ୍ତାରେ ରହୁଛନ୍ତି। ଏନେଇ ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କରିବାରୁ ସେମାନଙ୍କ ମତରେ ସରକାର ମହତ ଉଦ୍ଦେଶ୍ୟ ନେଇ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସେଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବାରେ ସମସ୍ୟା ଉପୁଜୁଛି। ଯୋଜନା ମୁତାବକ ଆବଶ୍ୟକୀୟ ସମାଗ୍ରୀ ଯୋଗାଇବାରେ ସରକାର ବିଫଳ ହେଉଛନ୍ତି। ଅନ୍ୟପକ୍ଷରେ ଶିକ୍ଷା ବିଭାଗର ଟାଳଟୁଳନୀତି ଯୋଗୁଁ ଅନେକ ସରକାରୀ ଯୋଜନା ସଫଳ ରୂପାୟନ ହୋଇପାରୁ ନାହିଁ ବୋଲି କେତେକ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କରଙ୍କୁ ପଚାରିବାରୁ ଉଜ୍ଜଳ ଓ ଉତ୍‌ଥାନ ଯୋଜନା କିମ୍ବା ମୂଳ ପାଠ୍ୟକ୍ରମର ଶତପ୍ରତିଶତ ପୁସ୍ତିକା ଯୋଗାଇ ଦିଆଯାଇ ନ ଥିବା କଥାକୁ ସ୍ୱୀକାର କରିଛନ୍ତି। ଚଳିତ ସପ୍ତାହରେ ବହି ଅଭାବୀକରଣକୁ ଦୂର କରାଯିବା ସହ ବିଦ୍ୟାଳୟଗୁଡିକର ପାଠପଢା ଠିକ୍‌ଠାକ୍ ଚାଲିବ। ଏପରି କି ଉଜ୍ଜଳ ଓ ଉତ୍‌ଥାନ ଯୋଜନାରେ ପିଲାମାନଙ୍କୁ ଅବଧି ସମୟ ପରେ ମଧ ମୂଳ ପାଠ୍ୟକ୍ରମ ସହିତ ପଢ଼ାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କର କହିଛନ୍ତି।

### ଭାଲୁଖାଇ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେ

ଧର୍ମଶାଳା,୧୬।୭(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭାଲୁଖାଇସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ନୀଳାଦ୍ରି ବିଜେ ଉତ୍ସବ ଶେଷ ହୋଇଛି। ୯ ଦିନ ରଥଯାତ୍ରା ଶେଷକରି ଚତୁର୍ଦ୍ଧାମୂର୍ତ୍ତି ସୋମବାର ରାତିରେ ସିଂହାସନକୁ ବିଜେ କରିଛନ୍ତି। ଦେବସ୍ନାନ ପୂର୍ଣ୍ଣିମାଠାରୁ ଖାଲି ପଡିଥିବା ରତ୍ନବେଦୀ ଝଲସି ଉଠିଥିଲା। ସକାଳେ ମଙ୍ଗଳଆଳତୀ, ମଇଲମ୍, ତପଡଲାଗି ଓ ଅବକାଶ ବେଶ ଶେଷ ହେବା ପରେ ମଧ୍ୟାହ୍ନରେ ମଧ୍ୟାହ୍ନଧୂପ ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ମାନଭଞ୍ଜନ ପାଇଁ ରଥରେ ରସଗୋଲା ଖୁଆଇଥିଲେ।

### ଜିଲା ସଂକୀର୍ତ୍ତନ ପରିଷଦ ବୈଠକ

ବରୀ,୧୬।୭(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ରାମଚନ୍ଦ୍ରପୁରସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜୟ ଜଗନ୍ନାଥ ଜିଲା ସଂକୀର୍ତ୍ତନ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଚକ୍ରଧର ସାମଲ ସଭାପତିତ୍ୱ କରିଥିଲେ। ବରୀ ବ୍ଲକ ସଂକୀର୍ତ୍ତନ ମଣ୍ଡଳୀର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚକ୍ରଧର ସାମଲ ସଭାପତି, ଗୋପୀନାଥ ଉପସଭାପତି, ନଟବର ମହାନ୍ତି ସମ୍ପାଦକ, ଦିଲୀପ କୁମାର ଦାସ ସହସମ୍ପାଦକ, ମନମୋହନ ଜେନା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଗ୍ରାମ ରାସ୍ତାରେ ରେଲ୍‌ୱେ ପଥ ନିର୍ମାଣକୁ ବିରୋଧ

ସୁକିନ୍ଦା,୧୬।୭(ଡି.ଏନ୍.ଏ.)

ଡୁବୁରୀ ଅନୁଗୋଳ ରେଳପଥ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଚାଷଜମି ହରାଇଛନ୍ତି। ଏ ନେଇ ବହୁ ଆନ୍ଦୋଳନ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବାବେଳେ ମଙ୍ଗଳବାର ଗ୍ରାମ ରାସ୍ତାରେ ରେଲୱେ ଲାଇନ୍ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ବିରୋଧକରି ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ। ଫଳରେ ରେଲୱେ କାମ ବାଧାପ୍ରାପ୍ତ ହୋଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା ପୋଲିସ ପ୍ରଶାସନ ଘଟଣାସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ, ଡୁବୁରୀ ଅନୁଗୋଳ ନିଉବ୍ରଡ ଗ୍ରେଜ୍ ରେଲୱେ ଲିଙ୍କ ପ୍ରକଳ୍ପ ନିମନ୍ତେ ଯାଜପୁର ଜିଲାର ସୁକିନ୍ଦା ବ୍ଲକ ମଙ୍ଗଳପୁର ମୌଜାରେ କାମ ଚାଲିଛି। ଏହି ବ୍ଲକ ମଙ୍ଗଳପୁର ଗ୍ରାମର ବାସିନ୍ଦା ରାଜରାଜୁଡା ସମୟରୁ ମୌଜାର ପ୍ଲଟ ୧୪୭ବି ରାସ୍ତାକୁ ପାଦଚଲା ରାସ୍ତା ଭାବରେ ବ୍ୟବହାର କରୁଛନ୍ତି। କିନ୍ତୁ ରେଳପଥ ନିର୍ମାଣ ପାଇଁ ଉକ୍ତ ରାସ୍ତା ଉପରେ ଜୋରଜବରଦସ୍ତ ନିର୍ମାଣକାରୀ ସଂସ୍ଥା ମାଟିଢାଳି ରେଳପଥ ନର୍ମାଣ କାମ କରିଥିଲେ। ଏହାକୁ ନେଇ ମଙ୍ଗଳପୁର ଗ୍ରାମବାସୀ ଓ ରେଳପଥ ନିର୍ମାଣକାରୀ ସଂସ୍ଥା ମୁହାମୁହିଁ ହୋଇଥିଲେ। ଉକ୍ତ ରାସ୍ତା ଉପରେ ପୂର୍ବରୁ ରେଳପଥ ନିର୍ମାଣକାରୀ ସଂସ୍ଥାର ବଳପୂର୍ବକ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଥିଲେ। ଏ ନେଇ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ ମଧ୍ୟ ଉକ୍ତ ଘଟଣାରେ ହସ୍ତକ୍ଷେପ କରି ଉକ୍ତ ରାସ୍ତା ଉପରେ ବ୍ରିଜ୍ କରି ରେଳପଥ କାର୍ଯ୍ୟ କରିବାକୁ ନର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶଦେଇଥିଲେ। ମାତ୍ର ଏହାକୁ ବେଖାତିର କରି ନିର୍ମାଣକାରୀ ସଂସ୍ଥା ରାସ୍ତା ନିର୍ମାଣ କାମ ଆରମ୍ଭ କରିଥିଲା। ଏହାକୁ ନେଇ ଗ୍ରାମର ତପନ ସିଂସାମନ୍ତ, ୱାର୍ଡସଭ୍ୟ ଦୁଃସାଶନ ବେହେରା, ବେଣୁଧର ବେହେରା, ଜଗନ୍ନାଥ ଦେହୁରି, ଲଲାଟେନ୍ଦୁ ସିଂସାମନ୍ତଙ୍କ ସହ ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ବ୍ରିଜ ନିର୍ମାଣ କରିବା ଦାବିରେ ରାସ୍ତା ଉପରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ରେଳପଥ ନିର୍ମାଣକାରୀ ସଂସ୍ଥାର ପଦାଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ବିଦ୍ୟାଳୟ ପାଚେରି ନିର୍ମାଣ ଦାବି

ବରୀ,୧୬।୭(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତ କାଇପଡ଼ା ହାଇସ୍କୁଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏଠାରେ ୩୫୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲାବେଳେ ମଙ୍ଗଳବାର ୧୭୫ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇଥିବା ଦେଖିବାକୁ ମିଳିଛି। ବିଶେଷକରି ପାଚେରି ନିର୍ମାଣ ହେଉ ନ ଥିବାରୁ ଅବାଧରେ ଗୋରୁ ଗାଈ ପ୍ରବେଶ କରି ବିଦ୍ୟାଳୟର ପରିବେଶକୁ ନଷ୍ଟ କରୁଛନ୍ତି। ଏପରିକି ମଧ୍ୟାହ୍ନଭୋଜନ ସମୟରେ ଗୋରୁ ଗାଈ ପଶିଆସୁଛନ୍ତି। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ହେଁ ମାତ୍ର ୭ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଦୀର୍ଘଦିନ ହେବ କିରାଣି ଓ ରାତ୍ରି ଜଗୁଆଳି ନାହାନ୍ତି। ଫନୀ ବାତ୍ୟାରେ ବିଦ୍ୟାଳୟର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଦ୍ୟାବଧି ଆର୍ଥିକ ସହାୟତା ମିଳି ନ ଥିବାରୁ ଶ୍ରେଣୀ କକ୍ଷ ମରାମତି ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ଥିବା ପୁରୁଣା କୋଠା ନଷ୍ଟ ହୋଇଯାଇଛି। ଏହି ପୁରୁଣା କୋଠରିରେ ଏବେ ପାଠପଢ଼ା ହେଉନାହିଁ। ଏଭଳି କେତେକ ମୁଖ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷା ବିଭାଗ ଏହି ପୁରାତନ ହାଇସ୍କୁଲର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ, ବିଦ୍ୟାଳୟ ପାଚେରି ନିର୍ମାଣ ହେବା ନିହାତି ଜରୁରୀ। ପୁରୁଣା ଗୃହ ମରାମତି ପାଇଁ ବରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି ବୋଲି କହିଥିଲେ।

### ସରସ୍ୱତୀଶିଶୁବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

କାଳିଆପାଣି,୧୬।୭(ଡି.ଏନ୍.ଏ.)

ଜଗଦ୍‌ଗୁରୁ ବ୍ୟାସଦେବଙ୍କ ଜନ୍ମତିଥିକୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥାଏ। ଏହି ଅବସରରେ ସୁକିନ୍ଦା ଟାଟା କଲୋନୀ ପରିସରରେ ଥିବା କଲରଙ୍ଗାଅତା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ମଙ୍ଗଳବାର ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଅନୁଷ୍ଠିତ ସଭାରେ ପ୍ରଧାନ ଅଚାର୍ଯ୍ୟ ଅଭିରାମ ସେଠୀ ମୁଖ୍ୟ ଅତିଥିଭାବେ ଭାବେ ଯୋଗଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ

ଯାଜପୁରରୋଡ,୧୬।୭(ନି.ପ୍ର.)

ମଧୁସୂଦନନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା ଦିବସ ଅବସରରେ ମଙ୍ଗଳବାର ବିଦ୍ୟାଳୟର ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ଶତପଥୀ ଅଧ୍ୟକ୍ଷତା କରିଥିଲେ। ପରିଚାଳନା ସମିତି ସଭାପତି ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, ସଦସ୍ୟା ପ୍ରଣତି ସାହୁ, ପୂର୍ବତନ ପରିଚାଳନା ସମିତି ସମ୍ପାଦକ ଓମ୍ ପ୍ରକାଶ ଚଣ୍ଡକ ଓ ଶରତ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଇତିହାସ ସମ୍ବନ୍ଧରେ ବିଦ୍ୟାଳୟର ସଭାପତି ଅକ୍ଷୟ କୁମାର ପଣ୍ଡା କହିଥିଲେ । ସମସ୍ତ ଗୁରୁଜୀଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଉତ୍ସବ ମୁଖର ହୋଇଥିଲା।

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ବିଡିଓଙ୍କୁ ଦାବିପତ୍ର

କଳିଙ୍ଗନଗର,୧୬।୭(ଡି.ଏନ୍.ଏ.)

ଜନସଚେତନତା ମଞ୍ଚ ଓଡ଼ିଶାର ଆବାହକ ସତ୍ୟବ୍ରତ ଦାସ ମଙ୍ଗଳବାର ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାନଗଦୀ ବିଡିଓ ମଣି ପ୍ରଶାଦ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ, ମହାନଦୀ ଜଳ ସମସ୍ୟା, ପୋଲାଭରମ ପ୍ରକଳ୍ପ ବନ୍ଦ ପ୍ରମୁଖ ଦାବିମାନ ରହିଥିଲା। ଏହି ଭଳି ଭାବେ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବେ ବୋଲି ସତ୍ୟବ୍ରତ କହିଛନ୍ତି।

## ବ୍ୟାସଭିଆନ୍ ପକ୍ଷରୁ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ




ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ଯାଜପୁରରୋଡ,୧୬।୭(ନି.ପ୍ର.)- ଯାଜପୁରରୋଡସ୍ଥିତ ସ୍ଥାନୀୟ ଏକ ହୋଟେଲରେ ରବିବାର ବ୍ୟାସଭିଆନ-୮୧ ତରଫରୁ ବ୍ୟାସନଗର କଲେଜର ନୂତନ ଅଧ୍ୟକ୍ଷ ମେଜର ସେକ୍ ଅବୁ ଜାହେର୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟାସଭିଆନ-୮୧ର ସଂଯୋଜକ ତଥା ପରିଚାଳନା କମିଟି ସଭ୍ୟ ଆଇନଜୀବୀ ବିବେକାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ୧୯୮୧ ମସିହାର ପ୍ରାୟ ପୁରାତନ ଛାତ୍ର ଯୋଗଦେଇଥିଲେ। ବ୍ୟାସନଗର କଲେଜ ଏବଂ ନୂତନ ଅଧ୍ୟକ୍ଷଙ୍କୁ ଗଠନମୂଳକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସମର୍ଥନ ଦେବାକୁ ସଭ୍ୟମାନେ ପ୍ରକାଶ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ ବୋଲି ଅଧ୍ୟକ୍ଷ ପରିପ୍ରକାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଗଙ୍ଗାଧର ନାୟକ, ଅତିରିକ୍ତ ପୋଲିସ ଅଧୀକ୍ଷକ ଅଶୋକ କୁମାର ଦେଓ, ଅର୍ଥ ବିଭାଗର ଡେପୁଟି ସେକ୍ରେଟାରି ରଘୁନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ୮୧ ମସିହାର ଛାତ୍ର ସଂସଦର ସଭାପତି ରିଜ୍ କୁମାର, ସମ୍ପାଦକ ତୁଷାର ରଞ୍ଜନ ସାମଲ, ପ୍ରଫେସର ଦାମୋଦର ମହାପାତ୍ର, ଶିଶିର କୁମାର, ବୀର କିଶୋର ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ପୁରୁଣା ସ୍ମୃତିକୁ ମନେପକାଇଥିଲେ।

■ ବ୍ୟକ୍ତିଗତ ଜାଗାରେ ସରକାରୀ ଖଳା ନିର୍ମାଣ

# ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

ଦଶରଥପୁର, ୧୬।୭ (ଡି.ଏନ.ଏ.)

ଚାଷୀଙ୍କ ଅମଳ ପାଇଁ ସରକାର ପ୍ରାୟ ସବୁ ପଞ୍ଚାୟତରେ ସରକାରୀ ଜାଗାରେ କଂକ୍ରିଟ୍ ଖଳା କରିବା ଲାଗି ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ ଦାୟିତ୍ୱରେ ରହୁଥିବା କେତେଜଣ ବିଭାଗୀୟ ଅଧିକାରୀଙ୍କ ନ୍ୟସ୍ତ ସ୍ୱାର୍ଥଲାଗି ସରକାରଙ୍କ ଯୋଜନା ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଜଣାପଡ଼ିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ କୋତପୁର ଗ୍ରାମର ଚାଷୀଙ୍କ ଲାଗି କଂକ୍ରିଟ୍ ଖଳା ବାବଦକୁ ୭ ଲକ୍ଷ ୩୨ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ତେବେ ଉକ୍ତ ଖଳା ବ୍ୟକ୍ତିଗତ ଜାଗାରେ ନିର୍ମାଣ କରାଯାଉଥିବା ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ନିର୍ମଳ ଚନ୍ଦ୍ର ବେହୁରିଆ, ଧନେଶ୍ୱର ସାମଲ, ଚନ୍ଦ୍ରକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ସାମଲ, ଗଦାଧର ସାମଲ, ରଙ୍ଗାଧର ପାତ୍ର, କରୁଣାକର ବାରିକ, ତାପସ ଜେନା, ଯଦୁମଣି ସାହୁ, ବନମାଳୀ ପରିଡ଼ା, ମନୋଜ ବିଶ୍ୱାଳ, ରମାକାନ୍ତ ସାହୁ, ରବୀନ୍ଦ୍ର ଜେନା, ସଞ୍ଜୟ ସାମଲ, ରଘୁନାଥ ଦାସଙ୍କ ସମେତ ଶତାଧିକ ବ୍ୟକ୍ତି ଜିଲାପାଳଙ୍କୁ ବେଆଇନ ଭାବେ ନିର୍ମାଣ ହୋଇଥିବା ଖଳା ସମ୍ପର୍କରେ ଲିଖିତଭାବେ ଜଣାଇଛନ୍ତି। ତେବେ ଏହି ଘଟଣାର ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏଥିସହ ନୂତନ ଖଳା ନିର୍ମାଣ ବାବଦକୁ ଅର୍ଥ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଂଘନ ଅଭିଯୋଗ

ଚଣ୍ଡିଖୋଲ,୧୬।୭(ଡି.ଏନ.ଏ.)

୧୬ ନଂ. ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ଦୀର୍ଘ ୬୦ କି.ମି. ରାସ୍ତା ୬ ଥାକିଆ ହେବା ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ଏହି ରାସ୍ତା ୪ ଥାକିଆ ଥିବାବେଳେ ଏହାକୁ ସମ୍ପ୍ରସାରଣ କରାଯାଉଛି। ଏହି କାର୍ଯ୍ୟ ପାଇଁ ଦିଲୀପ ବିଲ୍ଡକନ ସଂସ୍ଥା ଠିକା ନେଇଛି। ହେଲେ ଠିକାସଂସ୍ଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମକୁ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରୁଥିବା ଚଣ୍ଡିଖୋଲ ନିକଟ ନେଉଳପୁର ପଞ୍ଚାୟତବାସୀ ଗତ ୧୩ ତାରିଖରେ ଯାଜପୁର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଚଣ୍ଡିଖୋଲ ନିକଟ ନେଉଳପୁରସ୍ଥିତ ରାଜପଥ କଡରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଂଘନ କରି ସମ୍ପୃକ୍ତ ଠିକା ସଂସ୍ଥା ଏକ ପିଚୁ ଏବଂ ଜିଏସବି ମିକ୍ସ ପ୍ଲାଣ୍ଟ ସ୍ଥାପନ କରିଛି। ଏହି ପ୍ଲାଣ୍ଟ ଦ୍ୱାରା ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ଜାତୀୟ ରାଜପଥରେ



ଚଳାଚଳ କରିବା କଷ୍ଟକର ହେବା ସହ ନିକଟ ଗ୍ରାମବାସୀଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି। ନିୟମ ମୁତାବକ ଯେ କୌଣସି ସ୍ଥାନରେ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରଥମେ ଉପଯୁକ୍ତ ସ୍ଥାନ ଏବଂ ପଞ୍ଚାୟତର ଅନୁମତି ନେବା ସହ ଏହା ଗ୍ରାମ ସଭାରେ ମଞ୍ଜୁରୀ ପାଇବା କଥା। ପରେ ପଞ୍ଚାୟତ ପକ୍ଷରୁ ଏନ୍‌ଓସି ମିଳିବା ପରେ ଏହି ପ୍ଲାଣ୍ଟ ବସାଇବା କଥା। ତେବେ ଏସବୁ ନିୟମ ନ ମାନି ଉକ୍ତ ଠିକା ସଂସ୍ଥା ପ୍ରଦୂଷଣକାରୀ ପ୍ଲାଣ୍ଟ ବସାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହି ପ୍ଲାଣ୍ଟର ମାତ୍ର ୨ଶହ ମିଟର ଦୂରରେ ବାଲିବିଲ ପ୍ରାଥମିକ ବିଦ୍ୟାଳୟ, ଗୁରୁକୁଳ ଆବାସିକ ବିଦ୍ୟାଳୟ, ରାଆଁଶାଳା ପ୍ରାଥମିକ ବିଦ୍ୟାଳୟ, ହରିଦାସପୁର ସେବା ସମିତ ପ୍ରାଥମିକ ବିଦ୍ୟାଳୟ ସମେତ ରମ୍ଭାଦେବୀ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଆକସ୍ମିକ ଦୁର୍ଘଟଣା ସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ଅନ୍ୟପକ୍ଷରେ ପ୍ଲାଣ୍ଟ ଚାରିପାଖରେ ୩ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ଏଥିସହ ଉକ୍ତ ପ୍ଲାଣ୍ଟକୁ ଆସୁଥିବା ଡଷ୍ଟ, ବାଲି, ଚିପ୍ସ ଆଦି ସାମଗ୍ରୀ ପରିବହନ କରୁଥିବା ଗାଡିରେ ଓଭରଲୋଡିଂ ସହ ପାଲ ଘୋଡାଯାଉ ନ ଥିବାରୁ ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କମ୍ପାନୀର ଏତାଦୃଶ ବେନିୟମ କାର୍ଯ୍ୟକୁ ପଞ୍ଚାୟତ ଗ୍ରାମ ସଭାରେ ବିରୋଧ କରାଯାଇ ସମସ୍ତ ସଭ୍ୟାସଭ୍ୟ ଏଠାରେ ପ୍ଲାଣ୍ଟ ସ୍ଥାପନ ନ କରିବା ପାଇଁ ପ୍ରସ୍ତାବ ଗୃହୀତ କରିଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଠିକାସଂସ୍ଥା ମ୍ୟାନେଜର ମନୋଜ ଶର୍ମାଙ୍କୁ ପଚାରିବାରୁ, ତାଙ୍କ କମ୍ପାନୀ ପାଇଁ କୌଣସି ପ୍ରଦୂଷଣଜନିତ ଅନୁମତି ପତ୍ର ଆବଶ୍ୟକ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳବାସୀ ରାଜ୍ୟ ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀକୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

**ପିଚୁ ଓ ଜିଏସ୍‌ବି ମିକ୍ସ ପ୍ଲାଣ୍ଟ**

■ ପ୍ରଭାବିତ ହେଉଛନ୍ତି ୧୦ରୁ ଊର୍ଦ୍ଧ୍ୱ ଗ୍ରାମ

■ ପ୍ରଦୂଷଣ ରୋକିବାକୁ ଅଞ୍ଚଳବାସୀଙ୍କ ଦାବି

**ସଂକ୍ଷେପରେ**

## ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ

**ଡେରାବିଶ, ୧୬।୭ (ସ୍ୱ.ପ୍ର.):** ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଖମୋଳ ଓ ରତାଦିଆ ଖଣ୍ଡସାହି ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରତାଦିଆଖଣ୍ଡସାହି ପଞ୍ଚାୟତ ଅଧୀନ ସୋରିଷିଆ ଗ୍ରାମସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସମାବେଶରେ ପଞ୍ଚାୟତ ବିଜେଡି ସଭାପତି ପ୍ରମୋଦ କୁମାର ଭଦ୍ର ଅଧକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ଅରୁଣ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ କୁମାର ସିଂ, ଭଜକୃଷ୍ଣ ରାଉତ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ସମବାୟବିତ୍ ପ୍ରମୋଦ କୁମାର ସାହୁ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ, ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ବନଜା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖମୋଳ ପଞ୍ଚାୟତର ଜହ୍ନିମୂଳସ୍ଥିତ ଏକ ପଡ଼ିଆଠାରେ ଆୟୋଜିତ ସମାବେଶରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଯୁବ ବିଜେଡି ସମ୍ପାଦକ ବାପିନ କୁମାର ମଲ୍ଲ ଅଧକ୍ଷତା କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ସାଏ, ପଞ୍ଚାୟତ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ କୁମାର ସିଂ, କଟକ ଜିଲା ବିଜେଡି ଉପସଭାପତି ରବି ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ରୋସନ୍ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଦଳୀୟ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣିମା ମଲ୍ଲ ଧନ୍ୟବାଦ ଦେଇଥିଲେ।

## ୨ ମନ୍ଦିର ହୁଣ୍ଡିରୁ ଚୋରି



**ଆଳି,୧୬।୭(ଡି.ଏନ.ଏ):** ଆଳି ଥାନା ଅଧୀନ ସହିରା ଗ୍ରାମସ୍ଥିତ ୨ ମନ୍ଦିର ହୁଣ୍ଡିରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଗ୍ରାମର ହନୁମାନ ମନ୍ଦିର ଓ ମା’ ବଜ୍ରକାଳୀ ମନ୍ଦିରରେ ଥିବା ହୁଣ୍ଡି ତାଡି ସେଥିରୁ ଟଙ୍କା ନେଇଯାଇଛନ୍ତି। ତେବେ ମଙ୍ଗଳବାର ସକାଳୁ ହୁଣ୍ଡି ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ହୋଇ ନ ଥିବା ବେଳେ ଏହି ଘଟଣାକୁ ନେଇ ସାଧରଣରେ ଅସନ୍ତୋଷ ଦେଖାଦେଇଛି। ଗତ କିଛିଦିନ ହେବ ଆଳି ଅଞ୍ଚଳରୁ ଚୋରି, ଲୁଟ୍ ଆଦି କମ୍ ଥିବା ବେଳେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି।

### ■ ପାଟକୁରା ବିଧାନସଭା ନିର୍ବାଚନ

# ପ୍ରଚାର ପାଇଁ ରାତିଦିନ ଏକାକାର

**କେନ୍ଦ୍ରାପଡା ଅଫିସ, ୧୬।୭**

ପାଟକୁରା ନିର୍ବାଚନ ପାଇଁ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୫୧ ପଞ୍ଚାୟତ ସରଗରମ ହୋଇ ଉଠିଛି । ରାଜ୍ୟ ଓ କେନ୍ଦ୍ରୀୟ ନେତା ଏହି ନିର୍ବାଚନରେ ରହି ରାଜନୈତିକ ମାହୋଲକୁ ନିର୍ବାଚନମୁଖୀ କରାଇଛନ୍ତି । ପ୍ରତି ଗାଁରେ ପୋଷ୍ଟର ଅପେକ୍ଷା ନେତାଙ୍କ ଭିଡ଼ ଦେଖିବାକୁ ମିଳୁଛି । ନିର୍ବାଚନ ବୈତରଣୀ ପାର ପାଇଁ ରାଜନେତା ରାତିଦିନ ଏକକରି ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି। ଇତିମଧ୍ୟରେ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳର କର୍ମକର୍ତ୍ତା, ମନ୍ତ୍ରୀ, ବିଧାୟକମାନେ ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ପାଟକୁରା ଗସ୍ତ ରହିଛି । ଏଥିପାଇଁ ନିର୍ବାଚନୀ କ୍ଷେତ୍ରରେ ପ୍ରଚାର କାର୍ଯ୍ୟରେ ଲାଗିଥିବା ବିଜେଡିର ମନ୍ତ୍ରୀ, ବିଧାୟକ ଓ ସଂଗଠକମାନେ ତତ୍ପର ହୋଇଉଠିଛନ୍ତି । ନେତାମାନେ ପ୍ରତି ଘରର ସମସ୍ୟା ସହ ନିଜକୁ ଯୋଡୁଥିବା ବେଳେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଜିତିଲେ ପାଟକୁରା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ସେହିପରି ପ୍ରଚାର କାର୍ଯ୍ୟରେ ଭାଜପା ମଧ୍ୟ ପଛରେ ପଡ଼ିନାହିଁ । ୨ କେନ୍ଦ୍ର ମନ୍ତ୍ରୀଙ୍କ ସହ ଏମ୍‌ପି, ବିଧାୟକ, ସଂଗଠକ, କର୍ମକର୍ତ୍ତା ବୁଥ ଲେଭଲରେ ପହଞ୍ଚି ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି । କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ସପକ୍ଷରେ ପ୍ରଚାର ଗାଡି ବୁଲୁଥିବା ବେଳେ ରାଜ୍ୟସ୍ତର ରାଜନେତା ଏହି ନିର୍ବାଚନ ମଣ୍ଡଳୀକୁ ଗସ୍ତ କରିଛନ୍ତି । ପ୍ରାର୍ଥୀମାନେ ନିଜର ଅଭିଜ୍ଞତାକୁ ପାଥେୟ କରି ନିର୍ବାଚନ ପ୍ରଚାରରେ ଲାଗିଛନ୍ତି। ଭାଜପା ପ୍ରାର୍ଥୀ ବିଜୟ ୧୯୮୦ରୁ ୧୯୯୫ ପର୍ଯ୍ୟନ୍ତ ଜନତା ଦଳ ତରଫରୁ ଏହି ନିର୍ବାଚନ ମଣ୍ଡଳୀରୁ ଲଗାତର ବିଜୟୀ ହୋଇ ବିଧାୟକ ଥିଲେ। ସେହିପରି ୨୦୦୯ ଓ ୨୦୧୪ରେ ବିଜେଡି ପକ୍ଷରୁ ବେଦପ୍ରକାଶ ଅଗ୍ରୱାଲ ଏହି ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ସେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ସାବିତ୍ରୀଙ୍କୁ ଏହି ଆସନରୁ ପ୍ରାର୍ଥୀ କରାଯାଇଛି। ଚଳିତ ନିର୍ବାଚନରେ ବିଜୟ ଓ ସାବିତ୍ରୀଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ଚାଲିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ମଧ୍ୟ ଏହି ଆସନକୁ ହାତେଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ୨୦୧୪ ନିର୍ବାଚନରେ ସେ ଏହି ଆସନରୁ ଲଢ଼ି ଭୋଟ ହାରରେ ୨ୟ ସ୍ଥାନରେ ଥିଲେ । ଅପରପକ୍ଷରେ ଭୋଟରମାନେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇଛନ୍ତି । କୃଷି ଭିତ୍ତିଭୂମୀକୁ ଦୃଢ଼ କରିବା, କର୍ମ ନିଯୁକ୍ତି ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବନ୍ୟା ଦାଉରୁ ରକ୍ଷା ଆଦି ପ୍ରସଙ୍ଗକୁ ରାଜନେତାଙ୍କ ନିକଟରେ ଉପସ୍ଥାପନ କରିଛନ୍ତି । ଏସମ୍ପର୍କରେ ଭାଜପା ପ୍ରାର୍ଥୀ ବିଜୟ କୁହନ୍ତି, ସେ ବିଧାୟକ ଥିବା ସମୟରେ ନଦୀବନ୍ଧ ଯୋଜନା, ରାସ୍ତା ଓ ସେତୁକୁ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆନିକଟର ପ୍ରସ୍ତାବ ଦିଆଯାଇଥିଲା । ଗତ ୨୦୦୦ ମସିହାରୁ ଏଠାରେ ବିକାଶର ଧାରା ଠପ୍ ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ବିଜେଡି ପ୍ରାର୍ଥୀ ସାବିତ୍ରୀ କୁହନ୍ତି, ବେଦ ପ୍ରକାଶଙ୍କ ସମୟରେ ପାଟକୁରାର ବିଶେଷ ଉନ୍ନତି ହୋଇଛି । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଞ୍ଚଳର ଅବଶିଷ୍ଟ ସମସ୍ୟା ଆଗାମୀ ଦିନରେ ନିଶ୍ଚିତ ସମାଧାନ ହେବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ଉଭୟ ଦଳ ନେତାକୁ ସମାଲୋଚନା କରିବା ସହ ପାଟକୁରା ନିର୍ବାଚନ ମଣ୍ଡଳୀର ଅଦ୍ୟାବଧି କୌଣସି ଉନ୍ନତି ହୋଇନାହିଁ ବୋଲି କହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀକୁ ବୁଲି ଆସିଲେ ଏଠାକାର ମୌଳିକ ସମସ୍ୟା ସମ୍ପର୍କରେ ଜାଣିପାରିବ ବୋଲି ସେ କହିଛନ୍ତି। ଏପରି ଭାବେ ସବୁ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ କେଉଁ ପ୍ରାର୍ଥୀ ଭୋଟରଙ୍କ ମନ ଜିତିବାକୁ ସକ୍ଷମ ହେବେ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

# ଆଜି ପାଟକୁରା ନିର୍ବାଚନ ପ୍ରଚାରରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା ଅଫିସ, ୧୬।୭**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ପାଟକୁରା ନିର୍ବାଚନୀମଣ୍ଡଳୀରେ ଦଳୀୟ ପ୍ରଚାର କାର୍ଯ୍ୟରେ ସାମିଲ ହେବେ। ସେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବାହ୍ନ ୯ଟା ୫୦ ମିନିଟରେ ସେ ଡେରାବିଶ ବ୍ଲକ ବାରିମୂଳ ହେଲିପାଡରେ ହେଲିକପ୍ଟରରୁ ଓହ୍ଲାଇବେ। ୧୦ଟାରେ ହାଇଟେକ୍ ବସ ଯୋଗେ ନହଙ୍ଗ, ସନ୍ଥପୁରା, ନୋଳସାହି, ରଘୁଦେଇପୁର, ସଦାନନ୍ଦପୁର, ପଞ୍ଚୁପାଣ୍ଡବ ବଜାର, ବଳଭଦ୍ରପୁର, ନୂଆହାଟଛକ, ଗୋଲରହାଟ, ବାଲିଆ, ପଲେଇ, ଚାନ୍ଦୋଳ, ଚଣ୍ଡିବଜାର ଓ ଖମୋଳ ଆଦି ଛକକୁ ଯାଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ । ଅପରାହ୍ନ ୧୨ଟା ୪୫ରୁ ୧ଟା୪୫ ପର୍ଯ୍ୟନ୍ତ ଜଷ୍ଟିଲେ ଆଇବିରେ ରହି ଗରଦପୁର ବ୍ଲକର ନୂଆପଡାକୁ ଯିବେ । ସେଠାରୁ ବେତାରି, ପାଟକୁରା, ଗରଦପୁର, କଳାବୁଦା, କୋରୁଆ, ମାହାଳ, ନଡିଆ ବରେଇ ଛକ ଓ କୁନ୍ଦାଳଠାରେ ସାବିତ୍ରୀଙ୍କ ପାଇଁ ପ୍ରଚାର କରିବେ । ସେହିପରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବନ୍ଧକଟା, ପେଣ୍ଡ, କୁଳସାହି, ଜମପଡା, କରିଲୋପାଟଣା ଆଦି ସ୍ଥାନକୁ ଯାଇ ପ୍ରଚାର କରିବା ଲାଗି କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ବାବୁଲିଙ୍କୁ ଗୁଳିମାଡ଼ ଘଟଣାରେ କେନ୍ଦ୍ରାପଡା ଜିଲାରେ ବିଭିନ୍ନ ସଂଗଠନ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଜିଲା ବନ୍ଦ ଡାକରା ଦିଆଯାଇଛି। ଫଳରେ ପ୍ରଚାର କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

# ବିଜୟଙ୍କୁ ଡରୁଛି ବିଜେଡି: ସମ୍ବିତ




ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୬।୭**

ପାଟକୁରା ଆସନର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ରାଜ୍ୟ ରାଜନୀତିରେ ପୋଖତ । ରାଜ୍ୟ ସରକାରଙ୍କ ବହୁ ଗୁମର ସେ ଜାଣିଛନ୍ତି । ସେ ବିଧାନସଭାକୁ ଗଲେ ସରକାରଙ୍କ ବହୁ ଗୁମର ଖୋଲିଯିବ । ଏହି ଭୟରେ ବିଜୟଙ୍କୁ ବିଧାନସଭାରେ ପଶିବାକୁ ଦେଉନାହାନ୍ତି ବୋଲି ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପାତ୍ରଙ୍କ ସମେତ ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ଓ ଭୃଗୁ ବକ୍ସିପାତ୍ର ସାମିଲ ହୋଇଥିଲେ । ସେମାନେ କହିଥିଲେ ଯେ, ବିଜେଡିକୁ ଏବେ ବିଜୟ ଭୟ ଘାରିଛି । ଏଥିପାଇଁ ନିର୍ବାଚନ ମଣ୍ଡଳୀରେ ରାଜ୍ୟର ବହୁ ବିଧାୟକ ଓ ମନ୍ତ୍ରୀଙ୍କ ଡେରା ପଡ଼ିଛି। ଏଥିରେ ସରକାରୀ କଳ ମଧ୍ୟ ସାମିଲ ହୋଇଛି । ଏହା ସତ୍ତ୍ୱେ ଭାଜପା ପ୍ରାର୍ଥୀ ବିଜୟଙ୍କ ବିଜୟ ସୁନିଶ୍ଚିତ ବୋଲି ସେମାନେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ରାଜ୍ୟ ଉପସଭାପତି ଭୁବନମୋହନ ଜେନା, ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ପୂର୍ବତନ ଜିଲା ସଭାପତି ବାପି ଦ୍ୱିବେଦୀ ପ୍ରମୁଖ ସାମିଲ ହୋଇଥିଲେ ।

# ନବୀନଙ୍କ ଗସ୍ତ ପୂର୍ବରୁ ବୁଲିଲା ହାଇଟେକ୍ ବସ୍

**ଡେରାବିଶ, ୧୬।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରିବା ସହ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଡେରାବିଶ ବ୍ଲକ ଅଞ୍ଚଳରେ ବୁଲିଛି ମୁଖ୍ୟମନ୍ତ୍ରୀଙ୍କ ହାଇଟେକ୍ ବସ୍। ବ୍ଲକ ଅଧୀନସ୍ଥ ଯେଉଁ ଯେଉଁ ସ୍ଥାନ ବୁଲି ନବୀନ ପ୍ରଚାର କରିବେ ସେହି ସବୁ ରାସ୍ତା ଦେଇ ବସ୍ ବୁଲିଥିଲା। ଏହି ବସ୍ ଭିତରେ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଦେବୀ ମିଶ୍ର ଓ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ବସି ବୁଲିଥିଲ। ସେହିପରି କୃଷି ମନ୍ତ୍ରୀ ଅରୁଣ ସାହୁ, ଆଳି ବିଧାୟକ ପ୍ରତାପକେଶରୀ ଦେବ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ ଓ ସମବାୟବିତ୍ ବୈଷ୍ଣବଚରଣ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିବା ଦେଖାଯାଇଥିଲା। ତେବେ ଏହି ବସକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲୋକଙ୍କ ଭିଡ ଜମିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଅପରାହ୍ନରେ ଏସ୍‌ପି ନୀତିଶେଖରଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପୋଲିସର ବହୁ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।



ଡେରାବିଶରେ ମୁଖ୍ୟମନ୍ତ୍ରୀଙ୍କ ହାଇଟେକ୍ ବସ୍।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା ଅଫିସ,୧୬।୭**

କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଭାବେ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଗତ ଏପ୍ରିଲ ୩୦ ତାରିଖରୁ ଦାୟିତ୍ୱ ଦିଆଯାଇଛି। ସେ ପୂର୍ବରୁ ଏହି ବିଦ୍ୟାଳୟରେ ସମାଜ ବିଜ୍ଞାନ ଏବଂ ଔଦ୍ୟୋଗିକ ସମାଜ ବିଜ୍ଞାନ ବିଭାଗ ମୁଖ୍ୟଭାବେ କାର୍ଯ୍ୟ ତୁଲାଉଥିଲେ। ଅଧକ୍ଷ ଦାୟିତ୍ୱ ନେବା ପରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ପକ୍ଷରୁ ମଙ୍ଗଳବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧାପିକା ଡ. ସୁଷମା ଶତପଥୀ, ଡ. ସରୋଜିନୀ ମହାପାତ୍ର, ମଧୁସ୍ମିତା ସିଂ ଓ ସାଇନାଥ ଖାତୁନଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

# ବାଲିଆରେ ବିଜେଡି କର୍ମୀ ସମାବେଶ

**ଡେରାବିଶ, ୧୬।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ବାଲିଆ ପଞ୍ଚାୟତ ମାଣିଖଣ୍ଡିଠାରେ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ମନ୍ତ୍ରୀ ଅରୁଣ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନ୍, ରାଜ୍ୟ କୋଷାଧକ୍ଷ ସୁବାସ ସିଂ, ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଓ ମହିଳା ବିଜେଡିର ରାଜ୍ୟ ସମ୍ପାଦିକା ବନଜା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପାଟକୁରାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସକାଶେ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ପାଟକୁରାବାସୀ ବିପୁଳ ଭୋଟ ଦେଇ ଜିତାଇବା ପାଇଁ ଦଳୀୟ ନେତୃବୃନ୍ଦ ଭୋଟରଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ମନୋରମା ସାହୁ, ସରପଞ୍ଚ ଜୟନ୍ତୀ ମହାନ୍ତି ଓ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଯୁବ ନେତା ସଞ୍ଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ନହଙ୍ଗ ପଞ୍ଚାୟତରେ ବିଧାୟକ ଧ୍ରୁବ ସାହୁ, ଲକ୍ଷ୍ମୀନାରାୟଣପୁରରେ ବିଧାୟକ ରାଜକିଶୋର ଦାସ, ବାରିମୂଳରେ ପ୍ରାକ୍ତନ ବିଧାୟକ ଅନୁଭବ ପଟ୍ଟନାୟକ, ରଘୁଦେଇପୁରରେ ବିଜେଡି ନେତା ରାଜୁ ଦାସ ପ୍ରମୁଖ ପଦଯାତ୍ରା କରିବା ସହ ଘରକୁ ଘର ଯାଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଆହ୍ୱାନ ଦେଇଥିଲେ।

## ଦାନପୁରରେ ଭାଜପା ବୈଠକ

**ଡେରାବିଶ, ୧୬।୭ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତର ପ୍ରତି ୱାର୍ଡରେ ଭାଜପା ପକ୍ଷରୁ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, କଟକ ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ସରପଞ୍ଚ ବିଭୁଧେନ୍ଦୁ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସେମାନେ କହିଥିଲେ, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିବା ସହ କେନ୍ଦ୍ରର କେତେକ ଯୋଜନାକୁ ରାଜ୍ୟ ସରକାର ନିଜର ବୋଲି ଭୋଟ ମାଗୁଛନ୍ତି ବୋଲି ସେମାନେ କହିଥିଲେ। ଏଥିସହ ପାଟକୁରାର ସ୍ୱାଭିମାନୀ ପୁଅ ତଥା ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଭୋଟ ଦେଇ ଜିତାଇବାକୁ ସେମାନେ ଭୋଟରଙ୍କୁ ନିବେଦନ କରିଥିଲେ।

### ■ ଜୋର୍‌ଦାର ହେଉଛି ପ୍ରଚାର

# ପାଟକୁରା ହାତେଇବାକୁ ପ୍ରତିଯୋଗିତା

**ଡେରାବିଶ, ୧୬।୭ (ସ୍ୱ.ପ୍ର.)**

ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ପାଟକୁରା ବିଧାନସଭା ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଛି। ଏଥିଯୋଗୁ ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପାର ରାଜ୍ୟ ନେତୃବୃନ୍ଦ ସବୁ ପ୍ରକାର କଳକୌଶଳ ଲଗାଇଦେଇଛନ୍ତି। ପାଟକୁରା ଆସ ହାତେଇବାକୁ ପ୍ରତିଯୋଗିତା ଚାଲିଥିବା ବେଳେ ସବୁ ଦଳର ମାଳମାଳ ନେତା ପାଟକୁରା ନିର୍ବାଚନମଣ୍ଡଳୀରେ ଡେରା ପକାଇ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ବିଜେଡି ଓ ଭାଜପାର ବହୁ ବରିଷ୍ଠ ନେତା ପ୍ରଚାର ମଙ୍ଗ ଧରିଥିବା ବେଳେ କଂଗ୍ରେସ ବି ଏଥିରେ ସାମିଲ ହୋଇଛି। ପଥପ୍ରାନ୍ତ ସଭା, ରୋଡ ଶୋ, କର୍ମୀ ସମ୍ମିଳନୀରେ ଦଳୀୟ ନେତା, ବିଧାୟକ ଓ ମନ୍ତ୍ରୀ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଉଛନ୍ତି।

ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନରେ ଗରଦପୁର, ମାର୍ଶାଘାଇ ଓ ଡେରାବିଶ ବ୍ଲକର ସମୁଦାୟ ୫୧ ପଞ୍ଚାୟତ ରହିଛି। ବିଜେଡି ନେତାମାନେ ବିଭିନ୍ନ ପଞ୍ଚାୟତରେ ଆୟୋଜିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ପଦଯାତ୍ରା, ଯୁବଛାତ୍ର ସମାବେଶ ଓ ମହିଳା ସମାବେଶରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ଭୋଟ ଭିକ୍ଷା କରୁଥିବା ଦେଖାଯାଉଛି। ସେହିପରି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଜିତାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଦଳୀୟ ବିଧାୟକ, ଏମ୍‌ପି ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଜୋରଦାର ପ୍ରଚାର କରୁଛନ୍ତି। ଦଳୀୟ ନେତୃବୃନ୍ଦ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରୁଛନ୍ତି। ପାଟକୁରାର ବିକାଶ ତ୍ୱରାନ୍ୱିତ କରିବାକୁ ବିଜେଡି ପ୍ରତିଶ୍ରୁତି ଦେଉଥିବା ବେଳେ ପାଟକୁରାର ସ୍ୱାଭିମାନ ରକ୍ଷା କରିବାକୁ ଭୋଟ ମାଗୁଛି ଭାଜପା। ତେବେ ପ୍ରଚାରରେ ଭାଜପା ଓ ବିଜେଡିଠାରୁ କଂଗ୍ରେସ ପଛରେ ପଡ଼ିଥିବା ବେଳେ ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳର କେତେଜଣ ହେଭିୱେଟ ପାଟକୁରାରେ ପହଞ୍ଚି ପ୍ରଚାର ଚଳାଇଛନ୍ତି। ଆସନ୍ତା ୨୦ ତାରିଖରେ ନିର୍ବାଚନ ଥିବାରୁ ଏବେ ପାଟକୁରା ରାଜନୈତିକ ବାତାବରଣ ଆହୁରି ଉଷ୍ମ ହେଉଥିବା ପରିଲକ୍ଷିତ ହେଉଛି।

# ଭାଜପାର ମାରାଥନ ପ୍ରଚାର

**ଡେରାବିଶ, ୧୬।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ମାରାଥନ ପ୍ରଚାର କରିଛନ୍ତି। ଅପରାହ୍ନରେ ଲକ୍ଷ୍ମୀନାରାୟଣ ପଞ୍ଚାୟତ ଅଞ୍ଚଳରେ ଆୟୋଜିତ ବାଇକ୍ ରାଲିରେ ବିଜୟଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଏହି ରାଲି ୫ ନଂ. (କ) ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣ ଛକ ନିକଟରୁ ବାହାରି ବରାହିଲୋ, ତରଜଙ୍ଗା, ଲକ୍ଷ୍ମୀନାରାୟଣପୁର, ନୂଆହାଟ, ବଳଭଦ୍ରପୁର, ଛଟିଣା ଓ ସାତବାଟିଆ ଆଦି ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ଛକରେ ଦଳୀୟ ପ୍ରାର୍ଥୀ ବିଜୟଙ୍କୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସମୟରେ ବିଜୟ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରିବା ସହ ପାଟକୁରାର ସ୍ୱାଭିମାନ ରକ୍ଷା ପାଇଁ ଭାଜପାକୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ବାଇଧର ବେହେରା, ନାରୀନେତ୍ରୀ ସଂଯୁକ୍ତା ବରାଳ ଓ ଶୈଳେନ୍ଦ୍ରୀ ସେନାପତିଙ୍କ ସମେତ ସ୍ଥାନୀୟ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

ସେହିପରି ପୂର୍ବତନ ମନ୍ତ୍ରୀ ସମୀର ଦେ ଗୁଆଳସିଂ ଓ କୁଣିଆପାଳ ପଞ୍ଚାୟତରେ ବୁଲି ବିଜୟଙ୍କ ପାଇଁ ଭୋଟ ଭିକ୍ଷା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନହଙ୍ଗ ପଞ୍ଚାୟତରେ, ବରିଷ୍ଠ ନେତା ଅମର ନାୟକ ବେଣୀପୁର ଓ ମଙ୍ଗଳପୁର ପଞ୍ଚାୟତରେ ପଦଯାତ୍ରା କରିବା ସହ ଘରକୁ ଘର ବୁଲି ବିଜୟଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ।



ରୋଡ୍ ଶୋରେ ସମର୍ଥକଙ୍କ ସହ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର।

# ପୋତି ହୋଇଯାଉଛି ବେଙ୍ଗା ନଦୀ ଶଯ୍ୟା

**ରାଜକନିକା,୧୬।୭(ଡି.ଏନ୍.ଏ.)**

**ପଡ଼ିଆ ପଡୁଛି ଚାଷ ଜମି**
- ■ ନଦୀ ଶଯ୍ୟା ଖନନ କରିବାକୁ ଦାବି
- ■ ଚାଷ କାର୍ଯ୍ୟ ଛାଡ଼ିବାକୁ ବାଧ ହେଉଛନ୍ତି ଚାଷୀ

ଖରସ୍ରୋତାର ଶାଖା ବେଙ୍ଗା ନଦୀ ଶଯ୍ୟା ଦିନକୁ ଦିନ ପୋତି ହୋଇଯାଉଛି। ଫଳରେ ରାଜକନିକା, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳର ବହୁ ଚାଷୀ ଚାଷ କାର୍ଯ୍ୟ କରିପାରୁ ନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନଦୀ ଶଯ୍ୟା ଖନନ କରିବା ଲାଗି ପଦକ୍ଷେପ ନେବାକୁ ଚାଷୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଯାଜପୁରର ଯେନାପୁରରୁ ବାହାରିଥିବା ଖରସ୍ରୋତାର ଶାଖା ବେଙ୍ଗା ନଦୀ ନାଉବାଙ୍କ ମାହାରାରୁ ବାହାରି ଜରୀ, ବାଙ୍ଗାରା, ଦାମୋଦରପୁର, ପଧାନପଡା, ବଡହଳପଡା, ସାନହଳପଡା, ଅହମଦପୁର, ବଟରପଡା, ଗହିରାପାଳ ଓ କନପୁର ଗାଁ ଦେଇ ବୈତରଣୀରେ ମିଶିଛି । ଏହି ନଦୀ କ୍ରମଶଃ ପୋତି ହୋଇ ବହୁ ସ୍ଥାନରେ ନଦୀ ଶଯ୍ୟା ଏବେ ଶୁଖିଯାଇଛି । ସେସବୁ ସ୍ଥାନରେ ବିଭିନ୍ନ ଅନାବନ ଗଛ ଜଙ୍ଗଲ ଭଳି ହୋଇଯାଇଛି । ପୂର୍ବେ ଏହି ନଦୀରେ ଭରପୂର ପାଣି ରହୁଥିଲା । ଚାଷୀମାନେ ଏହି ପାଣି ମଡ଼ାଇ ଖରିଫ ଓ ଡାଲୁଅ ଚାଷ କରୁଥିଲେ । ପନିପରିବା ସମେତ ବିରି ଓ ମୁଗ ଆଦି ଫସଲ ହେଉଥିଲା। ଭଲ ଫସଲପାଇଁ ସେତେବେଳେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେଉଥିଲା। ମାତ୍ର ଏବେ ପାଣି ଅଭାବରୁ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ଚାଷ କରି ନ ପାରି ବହୁ କ୍ଷତିଗ୍ରସ୍ତ ହେଉଛନ୍ତି। ବାରମ୍ବାର ଏପରି କ୍ଷତି ସହିବାକୁ ପଡୁଥିବାରୁ ଚାଷୀ ଚାଷ ଛାଡିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁରର ଚାଷୀ ଚକ୍ରଧର ପାଣ୍ଡବଙ୍କ କହିବାନୁସାରେ, ପୂର୍ବେ ବେଙ୍ଗା ନଦୀରେ ପ୍ରଚୁର ପାଣି ରହୁଥିଲା। ଆମେ ଏଠାରୁ ପାଣି ନେଇ ମରୁଡି ସମୟରେ ଚାଷ କାର୍ଯ୍ୟ କରୁଥିଲୁ । ମାତ୍ର ନଦୀ ଶୁଖିଯିବାରୁ ଶହ ଶହ ଏକର ଜମି ବର୍ତ୍ତମାନ ପଡ଼ିଆ ପଡିଛି। ଏଦିଗରେ ସରକାର ଦୃଷ୍ଟି ନ ଦେଲେ ଭବିଷ୍ୟତରେ ଏସବୁ ଅଞ୍ଚଳରେ ଚାଷ କାର୍ଯ୍ୟ ବନ୍ଦ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନି। ତୁରନ୍ତ ଏହି ବେଙ୍ଗା ନଦୀ ଶଯ୍ୟା ଖନନ କରିବା ପାଇଁ ଚାଷୀ ଓ ସ୍ଥାନୀୟ ଲୋକେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ପ୍ରଧାନପଡ଼ା ପୂର୍ବତନ ସରପଞ୍ଚ ବୈଷ୍ଣବ ମିଶ୍ର କୁହନ୍ତି, ବେଙ୍ଗା ନଦୀ ଥିଲା ଆମର ଜୀବନ ଜୀବିକା। ଏହି ନଦୀ ଖନନ କରାଗଲେ ବହୁ ଚାଷୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

ଏ ସମ୍ପର୍କରେ ଡ୍ରେନେଜ ବିଭାଗ ମଙ୍ଗଳପୁରର ସହକାରୀ ଯନ୍ତ୍ରୀ ଅଧରପ୍ରସାଦ ଜେନା କହିଛନ୍ତି, ବେଙ୍ଗା ନଦୀ ଖନନ କରାଯାଇ ବିଭିନ୍ନ ସ୍ଥାନରେ ଚେକ୍‌ଡ୍ୟାମ କରିବା ପାଇଁ ସ୍ଥିର କରାଯାଇଛି। ଏହାକରାଗଲେ ଚାଷୀମାନେ ଉପକୃତ ହୋଇପାରିବେ।



## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ହେଲା ବ୍ରହ୍ମକମଳ



**ତିର୍ତ୍ତୋଲ,୧୬ା୭(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଜଡତିରା ପଞ୍ଚାୟତ ଅରଡା ଗ୍ରାମର ଇନ୍ଦ୍ରମଣୀ ସାହୁଙ୍କ ବଗିଚାରେ ମଙ୍ଗଳବାର ଭୋରରେ ଏକ ବ୍ରହ୍ମକମଳ ଫୁଲ ଫୁଟିଥିଲା। ଏହା ପ୍ରଚାରିତ ହେବା ପରେ ଉକ୍ତ ଫୁଲ ଦେଖିବା ପାଇଁ ଲୋକମାନଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଏହି ଫୁଲ ଅର୍ପଣ କରାଯାଇଛି। ଏହି ଫୁଲ ଫୁଟିବା ପରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

### ୧ ଗାଈ ଜୀବନ୍ତ ଦଗ୍ଧ, ୨ ଗୁରୁତର

**ନାଉଗାଁ,୧୬ା୭(ସ୍ୱ.ପ୍ର.):** ନାଉଗାଁ ବ୍ଲକ କୋରୁଅ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରମେଶ ଭୋଇଙ୍କ ଗୁହାଳ ଜଳିଯାଇଛି। ଏଥିରେ ତାଙ୍କର ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୨ଟି ଗାଈ ଗୁରୁତର ହୋଇଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବରପାଇ ନାଉଗାଁ ଦମକଳ ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଥିଲା। ରମେଶ ଜଣେ ଦଳିତ ଓ ଗରିବ ଶ୍ରେଣୀର ଲୋକ। ଏହି ଅଗ୍ନିକାଣ୍ଡରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ତହସିଲ କାର୍ଯ୍ୟାଳୟରୁ ସୁପରଭାଇଜର କାଳନ୍ଦୀ ଚରଣ ବେହେରା, ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରନାଥ ନାୟକ, ନାଉଗାଁ ପ୍ରାଣୀ ଚିକିତ୍ସକ ଆସି ତଦନ୍ତ କରିଛନ୍ତି।

### ଶାରଳା ପୀଠରେ ବାଦୀପାଲା ଉଦ୍‌ଯାପିତ

**ତିର୍ତ୍ତୋଲ,୧୬ା୭ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ମନ୍ଦିର ପ୍ରାଙ୍ଗଣରେ ମା'ଶାରଳା ଓ ଶ୍ରୀଜଗନ୍ନାଥ ପାଲା ପରିଷଦ ତରଫରୁ ୪ଦିନ ଧରି ଚାଲିଥିବା ବାଦି ପାଲା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ସ୍ୱନାମଧନ୍ୟ ପାଲାଗାୟକ ଗାୟକ ଗୌରବ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ଯୁବ ଗାୟକ ନୃସିଂହ ଚରଣ ହୋତା ପାଲା ପରିବେଷଣ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଏହାକୁ ଉପଭୋଗ କରିଥିଲେ। ପାଲା କମିଟି ପୃଷ୍ଠପୋଷକ କ୍ଷିତୀଶ ଚନ୍ଦ୍ର ପାତ୍ର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକର୍ତ୍ତା ଅଲେଖି ଚରଣ ନାୟକ, ସମିତିସଭ୍ୟ ଅଜୟ କୁମାର ରାଉଳ, ସୁଦାମ ଚରଣ ଗୋଚ୍ଛାୟତ, ବ୍ରଜକିଶୋର ମଲ୍ଲିକ, ଅମର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଭାଗବତ ପ୍ରଚାର ସମିତିର ନୂତନ ଗୃହ ପ୍ରତିଷ୍ଠା

**କୁଜଙ୍ଗ,୧୬ା୭(ସ୍ୱ.ପ୍ର.):** ଭାଗବତ ପ୍ରଚାର ସମିତିର ମୁଖ୍ୟ କାର୍ଯ୍ୟାଳୟ ଗୃହ କୁଜଙ୍ଗ ସନ୍ତରାସ୍ଥିତ କୃଷ୍ଣଚନ୍ଦ୍ରପୁରଠାରେ ଉଦ୍‌ଘାଟିତ ହୋଇଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଗୃହ ଉଦ୍‌ଘାଟନ କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ ଡ.ନିରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସହ ସମ୍ପାଦକ ସଞ୍ଜୟ ଦାସ, ମୁଖ୍ୟ ଉପଦେଷ୍ଟା ଗଗନ ବିହାରୀ ପୃଷ୍ଟି, ଜିଲା ସମ୍ପାଦକ ହରିବୋଲ ସୁକଦେବ, ଗ୍ରାମର ମୁରବୀ ପଣ୍ଡିତ ଉପନ୍ଦ୍ରେନାଥ ମିଶ୍ର, ହେମାନନ୍ଦ ପାଣି, ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ଛାଟୋଇ, ନିମାଇଁ ପରିଡା, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ନଙ୍ଗୁଳି ବାବାଙ୍କ ନିରନ୍ତର ଉଦ୍ୟମ କ୍ରମେ ଏହି ସମିତି ଆଜି ରାଜ୍ୟ ସରାକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନୂତନ ଟୁଙ୍ଗି ପ୍ରତିଷ୍ଠା ଓ ପୁରାତନ ଟୁଙ୍ଗିର ପୁନରୁଦ୍ଧାର କାର୍ଯ୍ୟ କରିଚାଲିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବାଟମଙ୍ଗଳା ଭାଗବତ ଟୁଙ୍ଗିର ସଭ୍ୟମାନେ ସହଯୋଗ କରିଥିଲେ।

■ ପାରାଦୀପରେ ସୁଧୁରୁନି ପାନୀୟଜଳ ସମସ୍ୟା

# ପରିତ୍ୟକ୍ତ ତାଳଦଣ୍ଡା ଏକମାତ୍ର ଭରସା

**ପାରାଦୀପ,୧୬ା୭ (ସ୍ୱ.ପ୍ର.)**

ଶିଳ୍ପ ସମୃଦ୍ଧ ପାରାଦୀପ ସହରାଞ୍ଚଳରେ ଗତ ମେ ମାସରୁ ଅଦ୍ୟାବଧି ପାନୀୟଜଳ ସଙ୍କଟ ଲାଗି ରହିଛି। ଜୁଲାଇ ମାସ ଅଧା ହେଲାଣି। ରାଜ୍ୟରେ ମୌସୁମୀ ମଧ୍ୟ ସକ୍ରିୟ ରହିଛି। ତଥାପି ମଧ୍ୟ ଜଳକଷ୍ଟ ଦୂର ହେଉନାହିଁ। ଖରାଦିନେ ଏଠାରେ ପାଣି ପାଇଁ ଏକପ୍ରକାର ହାହାକାର ପରିସ୍ଥିତି ସୃଷ୍ଟି ହେଉଛି। ସେହି ସମସ୍ୟା ବର୍ଷାଦିନେ ମଧ୍ୟ ଲାଗିରହିବା ଚିନ୍ତାର ବିଷୟ ହୋଇଛି। ପାରାଦୀପର ଏକମାତ୍ର ଜଳ ଉତ୍ସ ତାଳଦଣ୍ଡା କେନାଲ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ପାଣି ପିଇବା ଓ ଗାଧୋଇବା ଅନୁପଯୁକ୍ତ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକାଧିକବାର ପରୀକ୍ଷା ପରେ କୁହାଯାଇଛି। ତେବେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ଏହି ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ସୂଚନା ଅନୁଯାୟୀ, ଖରାଦିନେ ତାଳଦଣ୍ଡା କେନାଲରେ ପାଣି ନ ଥିବାରୁ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ଦିନକୁ ଥରେ ଜଳଯୋଗାଣ କରୁଥିଲେ। ଅବସ୍ଥା ସାମାନ୍ୟ ସୁଧାରିବା ପରେ ସପ୍ତାହକୁ ୩ ଦିନ ୨ ଥର ଓ ୪ଦିନ ଥରେ ଜଳ ଯୋଗାଣ ହେଉଥିଲା। ଏବେ ବିଭିନ୍ନ କାରଣ ପାଇଁ



ପରିତ୍ୟକ୍ତ ଅବସ୍ଥାରେ ଥିବା ତାଳଦଣ୍ଡା କେନାଲ।

**■ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି ଲୋକେ**

**■ପାଇପ ଫାଟି ମିଶୁଛି ଆବର୍ଜନା ପାଣି**

ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବାଲିଝରା ପମ୍ପ ହାଉସରୁ ନୂଆ ବଜାର-ମଧୁବନ ପାଣି ଟାଙ୍କି ପର୍ଯ୍ୟନ୍ତ ପାଇପ୍ ଲାଇନ କେତେକ ସ୍ଥାନରେ ଫାଟିଯାଇଛି। ବିଶେଷକରି ଗଲ୍ଫ ପଡ଼ିଆଠାରେ ପାଇପ ଫାଟି ପାଣି ବୋହିଯାଉଛି। ପାଣି ଟାଙ୍କିକୁ ଆସିବା ବାଧାପ୍ରାପ୍ତ ହେବାରୁ ଜଳ ଯୋଗାଣ ନିଅଣ୍ଟ ହେଉଛି ବୋଲି ପିଏଚଡି ଯନ୍ତ୍ରୀ ବିନାୟକ ପ୍ରଧାନ କହିଛନ୍ତି। ସେହି ପାଇପ ମରାମତି କାମ ବିଭାଗର ଅନ୍ୟ ଯନ୍ତ୍ରୀ ବୁଝୁଥିବା ସେ କହିଛନ୍ତି। ପାରାଦୀପ ବନ୍ଦରାଞ୍ଚଳରେ ମାଟି ତଳେ ଥିବା ପାଇପଲାଇନ ୫୦ବର୍ଷରୁ ଉର୍ଦ୍ଧ୍ୱ ହେଲାଣି। ସେଥିପାଇଁ ବାରମ୍ବାର ଏପରି ଘଟୁଥିବା ପିଏଚ୍‌ଡି ବିଭାଗ ପକ୍ଷରୁ କୁହାଯାଉଛି। ପୁରୁଣା ପାଇପ ଲାଇନ ଯୋଗୁ ଅଧିକାଂଶ ସ୍ଥାନରେ ଲିକେଜ ରହୁଛି। ସେହି ସ୍ଥାନରେ ପାଣିରେ ଜିଆ ଓ ଅନ୍ୟ ପୋକ, ଆବର୍ଜନା ପାଣି ମିଶୁଛି। ଏପରି ଦୂଷିତ ପାଣି ପ୍ରଭାବରେ ଚର୍ମରୋଗ ହେଉଛି ବୋଲି ଜଣେ ଗୃହିଣୀ ଆରତି ରାଉତରାୟ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପରେ ଯୋଗାଣ ହେଉଥିବା ପାଣି ପିଇବା ଓ ଗାଧୋଇବା ଅନୁପଯୁକ୍ତ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୭ ଅକ୍ଟୋବର ୨୬ରୁ ଘୋଷଣା କରିସାରିଲାଣି। ଏହା ସତ୍ତ୍ୱେ ସେହି ପାଣିକୁ ବ୍ୟବହାର କରିବାକୁ ସମସ୍ତେ ଏକ ପ୍ରକାର ବାଧ। କାରଣ ପାରାଦୀପର ଏକମାତ୍ର ଜଳ ଉତ୍ସ ତାଳଦଣ୍ଡା କେନାଲରେ ପ୍ରାୟତଃ ଜଳ ରହେନାହିଁ। କଟକରୁ ପାଣି ଛଡାଯିବା ପରେ ଏହି କେନାଲରେ ଜଳ ପ୍ରବାହ ହୁଏ। ସେଥିରେ ଅନେକ ବର୍ଜ୍ୟବସ୍ତୁ ମିଶୁଛି। ଶାସକ, ପ୍ରଶାସକ ସମସ୍ତେ ଏହି ସମସ୍ୟା ଜାଣୁଛନ୍ତି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଅଦ୍ୟାବଧି ହୋଇପାରିନାହିଁ। ପୌର ପରିଷଦର ନିଜସ୍ୱ ଜଳ ଉତ୍ସ ନାହିଁ। ଯେଉଁ କେତେକ ସ୍ଥାନରେ ପୌର ପରିଷଦ ପକ୍ଷରୁ ଗଭୀର ନଳକୂପ ବସାଇଛି, ତାହା ପର୍ଯ୍ୟାପ୍ତ ହେଉନାହିଁ। କେତେକ ସ୍ଥାନରେ ନଳକୂପରୁ ଲୁଣିପାଣି ବାହାରୁଛି। ତେଣୁ ଏସବୁର ସ୍ଥାୟୀ ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ପାରାଦୀପ ବନ୍ଦର ପକ୍ଷରୁ ଏହାର ପ୍ରତିକାର ସ୍ୱରୂପ ସମୁଦ୍ର ଜଳରୁ ମଧୁର ଜଳ ସଂଗ୍ରହ ପାଇଁ ଲବଣ ଅପସାରଣ କାରଖାନା ପତିଷ୍ଠା କରିବାକୁ ଏନଆଇଓଟି ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି।



ସରାମ୍ବୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ।

## ଗୁରୁ ବିନା ତିଷ୍ଠି ରହିବା ଅସମ୍ଭବ

**ନାଉଗାଁ,୧୬ା୭(ସ୍ୱ.ପ୍ର.)**

ପବିତ୍ର ବ୍ୟାସ ପୂର୍ଣ୍ଣିମା ଅବସରରେ ନାଉଗାଁ ବ୍ଲକସ୍ଥିତ ବିଭିନ୍ନ ଆଶ୍ରମରେ ଗୁରୁପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗତ୍‌ସିଂହପୁର ବ୍ଲକ ସରାମ୍ବୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମ ପରିସରରେ ମଙ୍ଗଳବାର ଗୁରୁପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପ୍ରଥମେ ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମ ପରିସରରେ ଗୁରୁଙ୍କ ବିଗ୍ରହ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ପରେ ସେବାଶ୍ରମର ଶିଶୁ ବିଦ୍ୟା ମନ୍ଦିର ପିଲାମାନେ ପ୍ରାତଃରେ ଗୁରୁ ପୂଜନ କରିଥିଲେ। ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଉପସ୍ଥିତ ରହି ଶ୍ରଦ୍ଧାଳୁ ଓ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଗୁରୁ ବିନା ତିଷ୍ଠି ରହିବା ଅସମ୍ଭବ। ସେ ହେଉଛନ୍ତି ସମାଜର ଆଲୋକ ବର୍ତ୍ତିକା। ପିତା ମାତାଙ୍କଠାରୁ ଆରମ୍ଭକରି ଜୀବଜଗତରେ ଯେଉଁମାନଙ୍କୁ ଆମେ ଦେଖୁଛେ ସମସ୍ତଙ୍କ ଠାରୁ କିଛି ନା କିଛି ଆମେ ଶିକ୍ଷା ପାଇଥାଉ। ଯେଉଁମାନେ ଆମକୁ କିଛି ନା କିଛି ଶିକ୍ଷା ଦେଇଥାନ୍ତି ସେ ହେଉଛନ୍ତି ଗୁରୁ। ଗୁରୁ ଶବ୍ଦର ଅର୍ଥ ବ୍ୟାପକ। ଯେଉଁ ଶିଷ୍ୟ ଗୁରୁଙ୍କ ଆଦେଶ ମାନିବା ସହିତ ଭକ୍ତି, ନିଷ୍ଠା, ତ୍ୟାଗ, ବିଶ୍ୱାସ ରଖି କାର୍ଯ୍ୟ କରେ ସେ ସଫଳ ମଣିଷ ହୋଇପାରିବ ବୋଲି ବୋଲି ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମତବ୍ୟକ୍ତ କରିଥିଲେ। ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ଅନ୍ୟ ଆଶ୍ରମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ



ବୈଠକରେ ଉପସ୍ଥିତ ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

**ତିର୍ତ୍ତୋଲ,୧୬ା୭ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ସୋମବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୃଷକ ନେତା ନିତ୍ୟାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ରାଜକିଶୋର ଦାଶ, ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ ବାରିକ, ସ୍ମୃତିରଞ୍ଜନ ବାରିକ, ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ସଙ୍ଗଠନର ସ୍ଥିତି, ସଭ୍ୟ ସଂଗ୍ରହ, ପଞ୍ଚାୟତସ୍ତରରେ ଚାଷୀଙ୍କୁ ସଙ୍ଗଠିତ କରିବା, ସଙ୍ଗଠନର ଆର୍ଥୀକ ପରିସ୍ଥିତି, ସମସ୍ତ ସରକାରୀ ଅଧିକାରୀଙ୍କୁ ନେଇ ଚାଷ ସମସ୍ୟା ଉପରେ ଆଲୋଚନା କରିବା ଉପରେ ତର୍ଜମା କରିଥିଲେ। ଏ ପର୍ଯ୍ୟନ୍ତ କେନାଲରେ ପାଣି ଆସି ନ ଥିବାରୁ ଚାଷ କାର୍ଯ୍ୟରେ ବିଳମ୍ବ ହେଉଛି। ଏଥିପାଇଁ ସଙ୍ଗଠନରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନବିହାରୀ ଆଚାର୍ଯ୍ୟ, ଶୁଭେନ୍ଦୁ ପଣ୍ଡା, ଶିଖର ବେହେରା, ନିମାଇଁ ମଲ୍ଲ, ବିଭୂ ସ୍ୱାଇଁ, କେଦାର ସ୍ୱାଇଁ, ସାରଦା ସ୍ୱାଇଁ, ମନୋଜ ପଟ୍ଟନାୟକ, ଗଗନ ବରାଳ, ପ୍ରମୋଦ ମହାନ୍ତି, ବିଜୟ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ସଙ୍ଗଠନ ତରଫରୁ ସଦସ୍ୟମାନଙ୍କ ସଚେତନତା ପାଇଁ ପ୍ରକାଶିତ ପୁସ୍ତିକା ପ୍ରଦର୍ଶିତ ହୋଇଥିଲା।

### ବୁଢିକେନ୍ଦୁଳାଇ ପୀଠରେ ଭଜନ ସମାରୋହ

**କୁଜଙ୍ଗ,୧୬ା୭(ସ୍ୱ.ପ୍ର.)**

ସ୍ଥାନୀୟ ବଡ଼ଗବପୁରସ୍ଥିତ ବୁଢିକେନ୍ଦୁଳାଇ ପୀଠରେ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ଓ ବାହୁଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ ସନ୍ଧ୍ୟା ସହ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ବାହୁଡାରେ ଭଜନ ସମାରୋହ ଓ କୀର୍ତ୍ତନ କରାଯାଇଥିଲା। ଏଥିରେ ସହସ୍ରାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଶିବ ପ୍ରସାଦ ସ୍ୱାଇଁ, ପଙ୍କଜ ରାୟ, ଗୌରାଙ୍ଗ ଭୋଳ, କେଦାରନାଥ ଭୋଳ, ସନ୍ତୋଷ ମଲିକ, ଅନିଲ ଭୋଳ, ତପନ ଭୋଳ, ବିଜୟ ସ୍ୱାଇଁ, ବିମ୍ବାଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୋଡାଲ ବିଦ୍ୟାଳୟ ମାନ୍ୟତା ଦାବି

**ନାଉଗାଁ,୧୬ା୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡ଼ାଂଶ ପଞ୍ଚାୟତର ବାସୁଦେବ ସରକାରୀ ବାଳିକା ବିଦ୍ୟାଳୟକୁ ନୋଡାଲ ବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏନେଇ ଗ୍ରାମର ରବୀନ୍ଦ୍ର କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାନ୍ତି ଓ ଦିଲୀପ କୁମାର ମହାନ୍ତି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏକ୍ତ ବିଦ୍ୟାଳୟ ୧୯୭୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହା ପରିସରରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ସମେତ ଅଙ୍ଗନୱାଡି କେନ୍ଦ୍ର ରହିଛି। ସରକାରଙ୍କ ନିୟମାନୁସାରେ ଉଚ୍ଚ ବିଦ୍ୟାଳୟରୁ ୮ମ ଶ୍ରେଣୀକୁ ବାଦ୍ ଦେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରିବା ଫଳରେ ଏହି ବିଦ୍ୟାଳୟରେ ପିଲା ସଂଖ୍ୟା କମିଯାଇଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ଜନସାଧାରଣଙ୍କ ସମସ୍ୟାକୁ ଉପଲବ୍ଧି କରି ଜିଲାପାଳ ପତ୍ର ସଂଖ୍ୟା ୨୯୬/ତା-୭ ଜାନୁୟାରୀ ୨୦୧୯ରେ ଉକ୍ତ ବିଦ୍ୟାଳୟକୁ ଏକ ନୋଡାଲ ବିଦ୍ୟାଳୟ କରିବା ପାଇଁ ଓପେପାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଉକ୍ତ ପ୍ରସ୍ତାବ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ଏପର୍ଯ୍ୟନ୍ତ ନାମଲେଖା ହୋଇପାରୁନାହିଁ। ତେଣୁ ଶୀଘ୍ର ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାବାଳିକାଙ୍କ ଫଟୋ ଭାଇରାଲ ଧମକ ଦେଇ ଟଙ୍କା ଆଦାୟ ଅଭିଯୋଗ

**ତିର୍ତ୍ତୋଲ,୧୬ା୭(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ଯୁବକ ଜଣେ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇ ଏହାକୁ ଭାଇରାଲ କରିବାର ଧମକ ଦେବା ସହ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଏହି ଛାତ୍ରୀଙ୍କର କିଛି ଆପତ୍ତିଜନକ ଫଟୋ ଅଭିଯୁକ୍ତ ଯୁବକ ଜଣଙ୍କ କୌଣସି ପ୍ରକାରେ ନିଜ ମୋବାଇଲରେ ଉଠାଇଥିଲେ। ଏଥିସହ ଫଟୋ ଭାଇରାଲ କରିଦେବାର ଭୟ ଦେଖାଇ ଛାତ୍ରୀଙ୍କଠାରୁ ଏକାଧିକ ଥରରେ ବହୁ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କ ଏ ସମ୍ପର୍କରେ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରରେ ଗୁରୁପୂର୍ଣ୍ଣିମା

**ପାରାଦୀପ,୧୬ା୭(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ନୂଆଗଡ଼ ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଗୁରୁ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପବିତ୍ରାନନ୍ଦ ଦାସ, ନୀଳିମା ପ୍ରିୟଦର୍ଶିନୀ ରାଉତ, ପୁଷ୍ପଲତା ସ୍ୱାଇଁ, ମମତା ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁ ପୂର୍ଣ୍ଣିମା ସମ୍ପର୍କରେ କହିଥିଲେ। ଆଚାର୍ଯ୍ୟା ତଟିନୀ ରାଉତ ଧନ୍ୟବାଦ ଦେଇଥିଲେ।



ଗୁରୁ ପୂର୍ଣ୍ଣିମା ଉତ୍ସବରେ ଉପସ୍ଥିତ ଅତିଥି।

## ଗାଁ ମଝିରେ ଟାୱାର ପ୍ରତିଷ୍ଠାକୁ ବିରୋଧ

**ବାଲିକୁଦା,୧୬ା୭(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ତଣ୍ଡିକୁଳ ଗ୍ରାମ ମଝିରେ ଏକ ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଯେଉଁଠାରେ ଏହି ଟାୱାର ପ୍ରତିଷ୍ଠା ପାଇଁ ସ୍ଥିର ହୋଇଛି, ସେହି ଜାଗାକୁ ଲାଗି ଏକ ସ୍କୁଲ ନିର୍ମାଣ ହେଉଛି। ତେଣୁ ସ୍କୁଲ ପିଲାମାନଙ୍କ ପ୍ରତି କାଳେ ଟାୱାର ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଏନେଇ ସେମାନେ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଏହାର ତଦନ୍ତ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ଗାଁରେ ଏକ ଏୟାଟେଲ ମୋବାଇଲ୍ ଟାୱାର ଥିଲା। ଗତବର୍ଷ ଜୁଲାଇ ୮ ତାରିଖ ରାତି ପ୍ରାୟ ସାଢେ ୧୧ଟାରେ ସେହି ମୋବାଇଲ ଟାୱାରରେ ବିସ୍ଫୋରଣ ଘଟି ତାହା ସମ୍ପୂର୍ଣ୍ଣ ଜଳିଯାଇଥିଲା। ପରେ ସେଠାରୁ ମୋବାଇଲ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗାଁ ଲୋକ ଅଡି ବସିଥିଲେ। ସେବେଠାରୁ ଟାୱାର ଅଚଳ ରହିଛି। ମାତ୍ର ସେହି ସ୍ଥାନରୁ ମାତ୍ର ୫୦ ମିଟର ଦୂରରେ ଅନ୍ୟ ଏକ ଟାୱାର ନିର୍ମାଣ ଯୋଜନା ଚାଲିଥିବା ଗାଁ ଲୋକେ ଜାଣିପାରି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ଡାକ୍ତର ତ୍ରିଲୋଚନ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ

**ନାଉଗାଁ,୧୬ା୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ହରିହରାନନ୍ଦ ଆଶ୍ରମ ପରିସରରେ ଡା. ତ୍ରିଲୋଚନ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଗୋଠଦା ମଠାଧୀସ ତଥା ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାବା ଦାମୋଦର ଦାସ, ଡା. ବିପିନ ବିହାରୀ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଆଇଆଇଟି ଖଡ଼ଗପୁରର ପ୍ରଫେସର ଅରବିନ୍ଦ ରାଉତରାୟ, ଗିରିଧର ମହାନ୍ତି, ବଂଶୀଧର ଆଚାର୍ଯ୍ୟ, ବାବା ଦିବ୍ୟକୃଷ୍ଣ ଦାସ ଓ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନନ୍ଦ ଜୀ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ନିସ୍ୱାର୍ଥପର ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସୁକାନ୍ତ ଲେଙ୍କାଙ୍କ ସମେତ ଆଶ୍ରମର ସମସ୍ତ ଗୁରୁଭାଇ ଉପସ୍ଥିତ ଥିଲେ।

■ ପାନୀୟଜଳ ପ୍ରକଳ୍ପ ପାଚେରି ନିର୍ମାଣ ନିମ୍ନମାନର

# ବିନା ସୂଚନା ଫଳକରେ ଚାଲିଛି କାମ

**ନାଉଗାଁ,୧୬ା୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତରେ ଥିବା ପାନୀୟଜଳ ପ୍ରକଳ୍ପର ପାଚେରି ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଯୁବକମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ନିୟମାନୁସାରେ କାର୍ଯ୍ୟ କରିବା ପୂର୍ବରୁ ଏହାର ସବିଶେଷ ବିବରଣୀ ଏକ ସୂଚନା ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦର୍ଶାଯିବା କଥା। କିନ୍ତୁ ଏଠାରେ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲିଛି। ସେହିପରି ପାଚେରି ନିର୍ମାଣରେ ପୋଡ଼ାଇଟା ବ୍ୟବହାର କରା ନ ଯାଇ ଆସ୍ ଇଟା ବ୍ୟବହାର କରାଯିବା କଥା। ଏହା ନ କରି ପୋଡ଼ାଇଟା ବ୍ୟବହାର କରାଯାଉଛି। ଏଥିରେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ପାଚେରି ନିର୍ମାଣ କାର୍ଯ୍ୟ କେତେ ଗଭୀରରୁ ଆରମ୍ଭ ହେବ ଓ ଏହା କେତେ ଉଚ୍ଚ ରହିବ ତାହା ମଧ୍ୟ ସୂଚନା ଦିଆଯାଇନାହିଁ। ତେଣୁ ସ୍ଥାନୀୟ ଯୁବକମାନେ ଏ ସମ୍ପର୍କରେ ଠିକାଦାରଙ୍କୁ ସବିଶେଷ ତଥ୍ୟ ମାଗିବା ସହ କାର୍ଯ୍ୟ ବନ୍ଦ କରିଥିଲେ। କାର୍ଯ୍ୟସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ପରେ ସ୍ଥାନୀୟ ସରପଞ୍ଚଙ୍କ ଭାଇଙ୍କ ମଧ୍ୟସ୍ଥତାରେ ଠିକାଦାରଙ୍କ ସହ ଆଲୋଚନା ହୋଇଥିଲା। ଠିକ୍ ଭାବେ କାର୍ଯ୍ୟ କରିବାକୁ ଏଥିରେ ଠିକାଦାର ପ୍ରତିଶ୍ରୁତି ଦେବା ପରେ କାର୍ଯ୍ୟ ଆରମ୍ଭ କରାଯାଇଛି।

ଏ ସମ୍ପର୍କରେ ନାଉଗାଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ପୋଡ଼ା ଇଟା ବ୍ୟବହାର କରିବାର ନିୟମ ରହିଛି। ସୂଚନା ଫଳକ ଲଗାଯିବା ସମ୍ପର୍କରେ ସେ କହିଛନ୍ତି ଯେ, ଠିକାଦାରଙ୍କ ସହ ଆଲୋଚନା କରି କହିବି।



ପାଚେରି ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଯୁବକମାନେ ବିରୋଧ କରୁଛନ୍ତି।

### ଫାଇଲକୁ ନେଇ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଯିବା ଘଟଣା

# ଅଧ୍ୟକ୍ଷାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ହୋହଲ୍ଲା

**ରଘୁନାଥପୁର,୧୬ା୭ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଦେଉଳିସାହିସ୍ଥିତ ଅନ୍ତ୍ୟୋଦ୍ୱୟ ହାଇସ୍କୁଲର ଏକ ପିଣ୍ଡି କାର୍ଯ୍ୟ ଫାଇଲକୁ ନେଇ ସୋମବାର ବ୍ଲକ ମୁଖ୍ୟ ଫାଟକରେ ତାଲା ମାରି ଅଧ୍ୟକ୍ଷାଙ୍କୁ ଅଟକ ରଖାଯାଇଥିଲା। ଏହି ଘଟଣାରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିବା ସହ ଉତ୍ତେଜନା ବୃଦ୍ଧି ପାଇଛି। ବିଡିଓ କାର୍ଯ୍ୟାଳୟ ପରିସରରେ ଥାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ମଙ୍ଗଳବାର ବିଧାୟକ ତଥା ଅଧ୍ୟକ୍ଷାଙ୍କ ସମର୍ଥକମାନେ ହୋହାଲ୍ଲା କରିଥିଲେ। ଏଥିସହ କାର୍ଯ୍ୟ ବନ୍ଦ କରି ଚାଲିଯିବା ପାଇଁ କର୍ମଚାରୀଙ୍କୁ କହିଥିଲେ। ଭୟରେ କର୍ମଚାରୀ ପ୍ରାୟ ୧୨ଟା ୪୫ରୁ ଅଫିସ କାର୍ଯ୍ୟ ଛାଡ଼ି ଚାଲି ଯାଇଥିଲେ। ତେଣୁ ବ୍ଲକ ଅଧ୍ୟକ୍ଷା ସ୍ୱପ୍ନା ସରିତା ବଳ ବିଡିଓଙ୍କ ଭୂମିକାକୁ ସନ୍ଦେହ ଘେରକୁ ଆଣିଛନ୍ତି। ଅଧ୍ୟକ୍ଷାଙ୍କ କହିବାନୁସାରେ, ପ୍ରଶାସନିକ ଅଧିକାରୀ ଭାବେ ବ୍ଲକରେ ବିଡିଓ ମୁଖ୍ୟ ଅଟନ୍ତି। ଜଣେ ମହିଳାଙ୍କୁ ବ୍ଲକ ପରିସରରେ ଅଶାଳୀନ ମନ୍ତବ୍ୟ ସହ ଫାଟକରେ ତାଲା ମାରି ଅଟକାଯାଇଥିଲା। ଅଥଚ ବିଡିଓ ପୋଲିସକୁ ଖବର ଦେଇ ନ ଥିଲେ। ଅପରପକ୍ଷରେ ବିଡିଓ ଯିବା ଆସିବା ସମୟରେ ଗେଟ୍‌ରୁ ତାଲା ଫିଟା ଯାଇ ପୁଣି ପକାଯାଇଥିଲା। ତେବେ ଗେଟ୍‌ରେ କାହିଁକି ତାଲା ପକାଯାଇଛି ବୋଲି ବିଡିଓଙ୍କ ବୁଝିବାର ଦାୟିତ୍ୱ ନୁହେଁ କି ବୋଲି ଅଧ୍ୟକ୍ଷା ବଳ କ୍ଷୋଭର ସହ କହିଛନ୍ତି।

ଆଇଆଇସି ବବିତା ଦଳାଇ କହିଛନ୍ତି ଯେ, ବିଡିଓ ଘଟଣା ସମ୍ପର୍କରେ ଆମକୁ ଅବଗତ କରାଇନାହାନ୍ତି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ନିୟମାନୁଯାୟୀ କାର୍ଯ୍ୟ କରିବ। ଘଟଣାକୁ ନଜର କଲେ ବିଡିଓଙ୍କ ଭୂମିକା ସନ୍ଦେହ ଘେରରେ ଥିବାଅଭିଯୋଗ ହେଉଛି। ଅଧ୍ୟକ୍ଷାଙ୍କ ପକ୍ଷରୁ ୩ ଜଣଙ୍କ ନାଁରେ ଅଭିଯୋଗ



ବ୍ଲକ ଅଧ୍ୟକ୍ଷାଙ୍କ ସହ ତଦନ୍ତକାରୀ ଅଧିକାରୀ ଆଲୋଚନା କରୁଛନ୍ତି।

- **ସନ୍ଦେହ ଘେରରେ ବିଡିଓ**
- **ଭୟରେ ଅଫିସ ଛାଡ଼ିଲେ କର୍ମଚାରୀ**
- **ବିପକ୍ଷ ଗୋଷ୍ଠୀ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ**

ହେବା ପରେ ପୋଲିସ ଦଫା ୩୪୧, ୨୯୪, ୩୫୪, ୩୪୨, ୫୦୬, ୩୪ ଆଇପିସି ଏବଂ ୨୫ ଓ ୨୭ ଆର୍ମ ଆକ୍ଟ ନଂ. ୫୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବିପକ୍ଷ ଗୋଷ୍ଠୀ ସରୋଜ ସାହୁଙ୍କ ପକ୍ଷରୁ ଅଧକ୍ଷା ଓ କେତେଜଣ ସମର୍ଥକଙ୍କ ନାମରେ ପାଲଟା ଅଭିଯୋଗ କରାଯାଇଛି। ପୋଲିସ ଦଫା ୩୪୧, ୫୦୬ ଓ ୩୪ ଆଇପିସିରେ ନଂ. ୫୫/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଓ ଲିଜାରାଣୀ ବିଶ୍ୱାଳ ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧ୍ୟକ୍ଷାଙ୍କୁ ଭେଟି ତଦନ୍ତ ଆରମ୍ଭ କରିଛନ୍ତି। ବିଡିଓ ପଞ୍ଚାନନ ପଟାୟତ ବ୍ଲକରେ ନ ଥିବାବେଳେ, ବ୍ଲକ ପରିସରରେ ଥିବା ପୋଲିସ ଗାଡ଼ିକୁ ଗେଟ ବାହାରକୁ ବାହାର କରି ଦେଇଥିଲେ ସପକ୍ଷ ଗୋଷ୍ଠୀ। ଅପରପକ୍ଷରେ ଅଧ୍ୟକ୍ଷା ବଳ ଜଗତ୍‌ସିଂହପୁର ଯାଇ ଏସ୍‌ପି ସୁଧା ସିଂଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦିଆଯାଇଥିବାରୁ ସୁରକ୍ଷା ଲୋଡିଛନ୍ତି। ଏସ୍‌ପି ସିଂ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ଅଧ୍ୟକ୍ଷା ବଳଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କ ମୋବାଇଲ ନଂ. ୯୪୩୭୨୦୫୫୩୫/ ୭୯୭୮୦୬୫୯୨୨କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।




ଧାରଣାରେ ସାମିଲ ହୋଇଥିବା ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା।

### ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ଧାରଣା

## ଶ୍ରମିକଙ୍କ ମୌଳିକ ସମସ୍ୟା ସମାଧାନ ଦାବି

**ପାରାଦୀପ,୧୬ା୭(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ ଶ୍ରମିକଙ୍କ ମୌଳିକ ଦାବିକୁ ନେଇ ମଙ୍ଗଳବାର ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଶ୍ରମିକଙ୍କ ବର୍ଦ୍ଧିତ ମଜୁରି ଚୁକ୍ତି, ଅନିୟମିତ ଦରମା, ସ୍ଥାନୀୟ ଲୋକଙ୍କୁ ବାହାର କରି ବାହାର ଲୋକଙ୍କୁ ନିଯୁକ୍ତି ଦେବା, ଠିକା କମ୍ପାନୀ ପକ୍ଷରୁ ଶ୍ରମିକଙ୍କ ଇପିଏଫ୍ ଓ ଇଏସ୍‌ଆଇ ଅର୍ଥ ଠିକ୍ ଭାବେ ଭରଣା କରା ନ ଯିବା ପ୍ରସଙ୍ଗକୁ ନେଇ ଏଭଳି ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ବିଶୋଧନାଗାର କର୍ତ୍ତୃପକ୍ଷ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏକାଧିକ ଥର ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରାଯାଉ ନ ଥିବା ୟୁନିୟନ ମୁଖ୍ୟ ଅରିନ୍ଦମ ସର୍ଖେଲ (ବାପି) ଅଭିଯୋଗ କରିଛନ୍ତି। ତେଣୁ ମଙ୍ଗଳବାର କେବଳ ପ୍ରତିବାଦ ସଭା କରାଯାଇଛି। ଆଗାମୀ ଦିନରେ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ବିଶୋଧନାଗାର ପ୍ରକଳ୍ପ ଅଚଳ କରିଦେବାକୁ ବାଧହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

**ରଘୁନାଥପୁର,୧୬ା୭ (ଡି.ଏନ୍.ଏ.):**

ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଜଇପୁର ଗ୍ରାମରେ ସୋମବାର ରାତିରେ ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ସୁବାସ ସ୍ୱାଇଁଙ୍କ ପୁଅ ସରୋଜ(୨୨)। ସବୁଦିନ ପରି ସରୋଜ ଜଇପୁର ଛକରେ ଥିବା ଏକ ପରିବା ଦୋକାନ ବନ୍ଦ କରିବାକୁ ରାତି ୧୦ଟାରେ ବାହାରେ ଥିବା ସାମଗ୍ରୀ ଉଠାଇ କ୍ୟାବିନରେ ରଖୁଥିଲେ। ଏହି ସମୟରେ ହଠାତ୍ ଏକ ବିଷଧର ସାପ ସରୋଜଙ୍କ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। କୌଣସି ମତେ ଦୋକାନ ବନ୍ଦ କରି ନିକଟସ୍ଥ କେରେକେରାରେ ଥିବା ଗୋରଖନାଥ ପୀଠକୁ ଯାଇ ପ୍ରଭୁଙ୍କ ଶରଣାପନ୍ନ ହେବା ସହ ବିଭୂତି ପାଇ ଘରକୁ ବାହଡି ଆସିଥିଲା। ଘରେ ପହଞ୍ଚିବାର କିଛି ସମୟ ପରେ ସରୋଜଙ୍କ ମୁଣ୍ଡ ବୁଲେଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ତତ୍‌କ୍ଷଣାତ୍ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସା ହେଉଥିବା ସମୟରେ ସରୋଜଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ମଶାଣିରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି। ପରିବାର ପ୍ରତିପୋଷଣ କରି ଆସୁଥିବା ରୋଜଗାରିଆ ପୁଅଙ୍କୁ ହରାଇ ମାତାପିତା ଅଧର୍ଯ୍ୟ ହୋଇପଡ଼ିଥିବା ବେଳେ ଅଞ୍ଚଳରେ ଶୋକାକୁଳ ବାତାବରଣ ସୃଷ୍ଟି ହୋଇଛି।

## ବାହୁଡ଼ା ବିଶୃଙ୍ଖଳା ଘଟଣାରେ ଆଉ ଜଣେ ଗିରଫ

**ବାଲିକୁଦା,୧୬ା୭(ସ୍ୱ.ପ୍ର.)**

ବାଲିକୁଦା ଥାନା ସଂଗ୍ରାମପୁର ପଞ୍ଚାୟତର ଖମ୍ବାକୁଳଠାରେ ଥିବା ନୃସିଂହନାଥ ଜୀଉଙ୍କ ବାହୁଡା ଯାତ୍ରାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଓ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ଆଉ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ସଂଗ୍ରାମପୁର ଗ୍ରାମର ସୁବାସ ଓଝା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସକାଳ ୯ ଟା ୧୫ରେ ପୋଲିସ ତାଙ୍କୁ ଘରୁ ଉଠାଇ ଆଣିଥିଲା। ପରେ ଥାନାରେ ରଖି ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତାଙ୍କୁ ମିଶାଇ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିସାରିଛି। ଘଟଣାଦିନ ମନୋଜ କାଣ୍ଡିଙ୍କୁ ଗିରଫ କରାଯାଇଥିବାବେଳେ ସୋମବାର ଦେବାଶିଷ ମହାପାତ୍ରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ମୋଟ ୧୦୦ ଜଣଙ୍କ ନାମରେ ନଂ. ୧୩୧/୧୯ରେ ମାମଲା ରୁଜୁ ହୋଇଛି।

### ସରକାରୀ ଜମି ଜବରଦଖଲ ଯୋଗୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ବିଳମ୍ବ

## ତହସିଲଦାର, ବିଡିଓଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

**ନରସିଂହପୁର,୧୬ା୭(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ଶରଧାପୁର ପଞ୍ଚାୟତ କୃଷ୍ଣପ୍ରସାଦ ଗ୍ରାମରେ ଏକ ସରକାରୀ ଜମି ଜବରଦଖଲକୁ ନେଇ ବିବାଦ ମୁଣ୍ଡ ଟେକିଛି। ଫଳରେ ବୁଧବାର ଗ୍ରାମର ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଆସି ନରସିଂହପୁର ତହସିଲଦାର ରାଜକିଶୋର ଜେନା ଏବଂ ବିଡିଓ ପ୍ରଶାନ୍ତ କୁମାର ତରାଇଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ଦେଇଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗ୍ରାମର ବିଦ୍ୟାଳୟ ପରିସରରେ ଥିବା ଏକ ସରକାରୀ ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏପରି କି ସେଠାରେ ଗୁହାଳ କରି ଗାଈ ଓ ଛେଳି ବାନ୍ଧୁଛନ୍ତି। ଫଳରେ ଏହି ଜମି ଉପରେ ନିର୍ମାଣ ହେବାକୁ ଥିବା ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ ଅଟକି ରହିଛି। ଛୋଟ ପିଲାମାନେ ପାଠ ପଢିବା ପାଇଁ ବିଦ୍ୟାଳୟ ବାରଣ୍ଡାରେ ବର୍ଷା ଖରାରେ ବସୁଛନ୍ତି। ତେଣୁ ତୁରନ୍ତ ଏହି ଜମିରୁ ଜବରଦଖଲ କାରୀଙ୍କୁ ହଟାଯାଇ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଉ ବୋଲି ଦର୍ଶାଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ଜୁଲାଇ, ୨୦୧୯



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ଗ୍ରହଣ ପାଇଁ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ନୀତି

**ଖଣ୍ଡପଡ଼ା,୧୬।୭(ସ୍ୱ.ପ୍ର.):** ମଙ୍ଗଳବାର ଚନ୍ଦ୍ର ଗ୍ରହଣ ଯୋଗୁ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ଓ ଖଣ୍ଡପଡା ଶ୍ରୀ ଜଗନ୍ନାଥ ଜୀଉଙ୍କ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ୪ଟା ୩୧ରୁ ପାକ ତ୍ୟାଗ ହେଉଥିବା ବେଳେ ରାତି ସାଢେ ୪ଟାରେ ଗ୍ରହଣ ସର୍ବମୋକ୍ଷ ହେବ। ଏହି ଅବସରରେ ପୁରୀ ଶ୍ରୀମନ୍ଦିର ରୀତିନୀତି ସହ ସାମଞ୍ଜସ୍ୟ ରହିଥିବା ଶ୍ରୀ ନୀଳମାଧବ ଜୀଉଙ୍କ ସକାଳ ୬ଟାରେ ଦ୍ୱାରଫିଟା, ସାଢେ ୬ଟାରେ ଭିତର ଶୋଧ, ୭ଟାରେ ମଙ୍ଗଳ ଆଳତି, ସାଢେ ୭ଟାରେ ଅବକାଶ ପୂଜା, ସାଢେ ୮ଟାରେ ମଇଲମ ତଡପଲାଗି, ୮ଟା ୪୫ରେ ସୂର୍ଯ୍ୟ ପୂଜା ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସକାଳ ଧୂପ, ଅପରାହ୍ନ ସାଢେ ୨ଟାରେ ମଧାହ୍ନ ଧୂପ ପରେ ମନ୍ଦିରର ସମସ୍ତ ନୀତି ଅପରାହ୍ନ ୪ଟାରେ ସମ୍ପନ୍ନ ହୋଇଥିବା ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ସେହିପରି ଗ୍ରହଣ ପାଇଁ ଖଣ୍ଡପଡାସ୍ଥିତ ଶ୍ରୀ ଜଗନ୍ନାଥ ଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା।

### ଗୁରୁ ପୂର୍ଣ୍ଣିମାରେ ଗୋକୁଳାନନ୍ଦ ପୀଠରେ ଗୁରୁ ପୂଜନ ଉତ୍ସବ

**ଖଣ୍ଡପଡା,୧୬।୭(ସ୍ୱ.ପ୍ର.):** ମଙ୍ଗଳବାର ଗୁରୁପୂର୍ଣ୍ଣମୀ ଅବସରରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମ ଲକ୍ଷ୍ମଣ ଦାସଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଗୁରୁ ସ୍ୱାମୀ ରାମଲକ୍ଷ୍ମଣ ଦାସଙ୍କ ଶକ୍ତିପୀଠରେ ସ୍ନାନ ତର୍ପଣ, ଗୁରୁ ବନ୍ଦନା ସହ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା।

### ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଅଭିଯୁକ୍ତ ଫେରାର

**ଜଟଣୀ,୧୬।୭(ଡି.ଏନ.ଏ):** ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଙ୍ଗଳବାର ପୂର୍ବାହ୍ନରେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଡାକ୍ତରୀ ପରୀକ୍ଷା କରିବାକୁ ପୋଲିସ ସେମାନଙ୍କୁ ନେଇଥିବା ସମୟରେ ଏପରି ଘଟଣା ଘଟିଥିଲା। ଫେରାର ଦୁଇ ଅଭିଯୁକ୍ତଙ୍କ ନାମ ପୋଲିସ କହୁ ନ ଥିବା ବେଳେ ବ୍ରାଉନ୍‌ସୁଗାର କାରବାରରେ ପୋଲିସ ସେମାନଙ୍କୁ ଧରି ଥାନାରେ ରଖିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୨ ଜଣ ଦୌଡ଼ିକି ପଳାଇବା ସମୟରେ ପୋଲିସ ପଛରୁ ଗୋଡ଼ାଇଥିଲେ ମଧ ସେମାନଙ୍କୁ ଧରି ପାରି ନ ଥିଲା। ପୋଲିସର ଦାୟିତ୍ୱହୀନତାରୁ ଏପରି ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ସିସିଟିଭି କ୍ୟାମେରାରେ ଏହା କଏଦ ହୋଇଛି। ଏ ନେଇ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କୁ ପଚାରିବାରେ ବ୍ରାଉନ୍‌ସୁଗାର ଖାଇବାରେ ଅଭ୍ୟସ୍ତ ଦୁଇଜଣଙ୍କୁ ଅଣାଯାଇ ଥାନାରେ ରଖାଯାଇଥିଲା। ସେମାନେ ଅସୁସ୍ଥ ଅନୁଭବ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇଥିଲା ବୋଲି ସେ କହିଛନ୍ତି।

# ଚିନିକଳ ଖୋଲିବା ପାଇଁ ତେଜିଲା ଆନ୍ଦୋଳନ

**ନୟାଗଡ଼ ଅଫିସ,୧୬।୭**

- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ
- ୨୪ରେ ନୟାଗଡ଼ ବନ୍ଦ ଡାକରା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଚିନିକଳ ଖୋଲିବା ଓ ପୁନରୁଦ୍ଧାର ଦାବିରେ ମଙ୍ଗଳବାର ଆନ୍ଦୋଳନ ଜୋରଦାର ହୋଇଛି। ଗାଁ ଗାଁ ବୁଲି ଚାଷୀମାନଙ୍କୁ ସଚେତନ କରାଇବା ପରେ ଚିନିକଳ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିନିକଳ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ନୟାଗଡ଼ ସମବାୟ ଚିନିକଳ ଜିଲାର ହଜାର ହଜାର ପାରମ୍ପରିକ ଆଖୁଚାଷୀଙ୍କର ଭାତହାଣ୍ଡି ସଦୃଶ୍ୟ। ଆନୁଷଙ୍ଗିକ ଭିତ୍ତିଭୂମି ଓ ଜନସାଧାରଣଙ୍କ ଆଗ୍ରହ ଯୋଗୁ ନୟାଗଡ଼ ବ୍ଲକ ପାଣିପୋଇଲା ଠାରେ ଚିନିକଳ ପ୍ରତିଷ୍ଠା ହୋଇଥିଲା। ଘରୋଇ ପରିଚାଳନା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏହା ହସ୍ତାନ୍ତର ହେବା ପରେ ପରିଚାଳନା କର୍ତ୍ତୃପକ୍ଷ ୨୦୧୪ ମସିହାରେ ଆଖୁଚାଷୀ ଓ କର୍ମଚାରୀଙ୍କ କୋଟି କୋଟି ଟଙ୍କା ବକେୟା ରଖି କାରଖାନାରେ ତାଲା ପକାଇ ଦେଇଛନ୍ତି। କାରଖାନା ଦୀର୍ଘ ୫ ବର୍ଷ ହେଲାଣି ବନ୍ଦ ହେବା ପରେ ଜିଲାରେ ଆଖୁଚାଷ ହ୍ରାସ ପାଇଛି। ଏଥିଯୋଗୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ମଧ ଦୋହଲି ଯାଇଛି। ବନ୍ଦ ହୋଇ ପଡ଼ିଥିବା ଯୋଗୁ କାରଖାନା ନଷ୍ଟ ହେବାରେ ଲାଗିଛି। ପରିଚାଳନା କମ୍ପାନୀଠାରୁ ଅନାଦେୟ ଋଣ ଆଦାୟ ନାମରେ ବ୍ୟାଙ୍କ୍ ଏହାର ଯନ୍ତ୍ରପାତି ଓ ଅସ୍ଥାବର ସମ୍ପତ୍ତି ନିଲାମ କରିବାର ମସୁଧା ମଧ ଚିନିକଳର ସ୍ଥିତି ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଚିନିକଳର ସ୍ଥାୟିତ୍ୱ , ଏହାର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଆଗାମୀ ଦିନରେ ଚିନିକଳ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଆସନ୍ତା ୨୪ ତାରିଖରେ କମିଟି ପକ୍ଷରୁ ନୟାଗଡ଼ ବନ୍ଦ ଡାକରା ଦିଆଯାଇଛି। ମଙ୍ଗଳବାର କମିଟିର ସଦସ୍ୟ ଓ ଚାଷୀମାନେ ପ୍ରଥମେ ଖଣ୍ଡପଡ଼ା ରୋଡଠାରେ ଏକତ୍ରିତ ହୋଇଥିଲେ। ଏହାପରେ ମଧାହ୍ନ ୧୨ଟାରେ ଶୋଭାଯାତ୍ରାରେ ଯାଇ ଚିନିକଳ ଖୋଲିବା ଦାବି କରି ପ୍ରଶାସନ ବିରୋଧରେ ନାରାବାଜି ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଶାସନ ବିରୋଧରେ ନାରାବାଜି ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ଅପରାହ୍ନ ୨ଟାରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କୁ କମିଟିର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। ଆବାହକ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ମନୋଜ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଗୋଲକ ବିହାରୀ ମୁଦୁଲି, ଯୋଗେନ୍ଦ୍ର କୁମାର ଖୁଣ୍ଟିଆ, ରଣଜିତ ଦଳବେହେରା, ମହେଶ୍ୱର ଦାଶଙ୍କ ସମତେ ଶତାଧିକ ସଦସ୍ୟ ଓ ଚାଷୀମାନେ ଯୋଗ ଦେଇଥିଲେ।

## କାର୍ଯ୍ୟରେ ଅବହେଳା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ଖଣ୍ଡପଡ଼ା,୧୬।୭(ସ୍ୱ.ପ୍ର.)**

କାର୍ଯ୍ୟରେ ଅବହେଳା ଅଭିଯୋଗରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି ଲିଙ୍ଗରାଜ ନୋଡାଲ ୟୁପିଏମଇ ବିଦ୍ୟାଳୟର ସହକାରୀ ଶିକ୍ଷକ ବ୍ରଜବନ୍ଧୁ ସାହୁଙ୍କୁ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଛନ୍ତି। ଶିକ୍ଷକ ସାହୁ ଅପରାହ୍ନ ୨ଟା ସମୟରେ ବିଦ୍ୟାଳୟ ବନ୍ଦ ହେବା ପୂର୍ବରୁ କୌଣସି ଉପଯୁକ୍ତ କାରଣ ନ ଦର୍ଶାଇ ବିଦ୍ୟାଳୟ ଛାଡିଥିବା ଜିଲା ଶିକ୍ଷା ଅଧିକାରୀଙ୍କ ନଜରକୁ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୨୦୪/୧୫।୭।୨୦୧୯ରୁ ଜଣାପଡିଛି। ଏହାସହ ସେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ଏହି ପତ୍ରରୁ ଜଣାପଡିଛି।

## ନୟାଗଡ଼ ଚଉଦକୋଶ ଖଣ୍ଡାୟତ ପରିଷଦର ସାମ୍ବିଧାନିକ ସଭା

**ନୟାଗଡ଼ ଅଫିସ,୧୬।୭**

ନୟାଗଡ଼ ଚଉଦକୋଶ ଖଣ୍ଡାୟତ ପରିଷଦର ସାମ୍ବିଧାନିକ ସଭା ଶରଣକୁଳ ନିକଟବର୍ତ୍ତୀ ହରିହରପୁର ଗ୍ରାମପଞ୍ଚାୟତ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଉଦୟନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଣ୍ଡାୟତ ପରିଷଦର ଆଭିମୁଖ୍ୟ ଏବଂ ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖଣ୍ଡାୟତ ପରିଷଦ ୩୦ ଖଣ୍ଡ ମୌଜାର ୪୩ ଜଣ ବଡ଼ଭାଇ ଯୋଗଦେଇ ପୂର୍ବସୂରୀମାନଙ୍କର ଏହି ଜାତି ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସୁପ୍ତ ହୋଇ ପଡ଼ିଥିବା ଖଣ୍ଡାୟତମାନଙ୍କୁ ଜାଗ୍ରତ କରାଇବା ପାଇଁ ଶପଥ ନେଇଥିଲେ। ସଭାରେ ପ୍ରଥମ ଖଣ୍ଡାୟତ ପରିଷଦର ପତାକାକୁ ଉତ୍ତୋଳନ କରାଯାଇଥିଲା। କଣ୍ଠଶିଳ୍ପୀ ବିଭୂତି ମିଶ୍ର ଜାତି ସଙ୍ଗୀତ ଗାନ କରିଥିଲେ। ଏହା ପରେ ଆଲୋଚନା କରାଯାଇ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଶରତ ବାରିକ ଓ ସମ୍ପାଦକ ଭାବେ ପବିତ୍ର ସିଂଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ୧୫ ଜଣ ସଭ୍ୟ ମଧ ମନୋନୀତ ହୋଇଥିଲେ। ଖଣ୍ଡାୟତ ପରିଷଦର ଏହି ବୈଠକକୁ ସୁରେଶ ଚନ୍ଦ୍ର ବରାଡ଼ ପରିଚାଳନା କରିଥିବା ବେଳେ ବୈଦ୍ୟନାଥ ବରାଡ଼ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ବେଦ ପାଠଶାଳାରେ ଗୁରୁପୂର୍ଣ୍ଣିମା

**ରଣପୁର,୧୬।୭ (ସ୍ୱ.ପ୍ର.)**

ନୟାଗଡ଼ଜିଲା ରଣପୁରସ୍ଥିତ କୃଷ୍ଣଦ୍ୱୈପାୟନ ବେଦ ପାଠଶାଳାରେ ମଙ୍ଗଳବାର ଶୋଭା ଅନୁଷ୍ଠାନ ସହାୟତାରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପାଠଶାଳାର ଗୁରୁଜୀ ଜଗନ୍ନାଥ ମହାପାତ୍ର ଓ ଅତିଥିମାନେ ଶ୍ରୀ ଜଗନ୍ନାଥ ବ୍ୟାସ ବେଦ ତଥା ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାର୍ଥୀମାନେ ଗୁରୁ ବନ୍ଦନା ସହିତ ବେଦ ପାଠ କରିଥିଲେ। ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ଦେବା ପରେ ବ୍ରଜରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟ ନାଥ ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଶରଣକୁଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ରଥ ଯୋଗଦେଇ କହିଥିଲେ ସମାଜରେ ବେଦର ସ୍ଥାନ ସର୍ବଶ୍ରେଷ୍ଠ। ଏହାକୁ ସାଧାରଣ ଲୋକେ ଆପଣାଇ ପାରିଲେ ହିଂସା ଆକ୍ରୋଶ ଦୂର ହୋଇ ଜୀବନ ସୁଖଶାନ୍ତିରେ କଟିବ। ରଣପୁର କଲେଜର ଅବସରପ୍ରାପ୍ତ ଅଧାପକ ବିଜୟ କୁମାର ଜେନା, ଡା. ସତ୍ୟନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବେଦରୁ ମିଳୁଥିବା ଆଧାତ୍ମିକ ଶିକ୍ଷା ଓ ଗୁରୁଙ୍କର ବିଶେଷତ୍ୱ ଜୀବନ ଗଠନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିବା ସଂସ୍କୃତ ଅଧାପକ ସୁଧାକର ପଣ୍ଡା ବେଦକୁ ନେଇ ବିଚାରବିମର୍ଷ କଲେ ସମାଜରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ପନ୍ଥା ବାହାରିପାରିବ ଓ ସୁସ୍ଥ ସମାଜଟିଏ ଗଠନ ହୋଇପାରିବ ବୋଲି କହିଥିଲେ। ବେଦଶାଳା ପରିଚାଳନା କମିଟିର ସଭ୍ୟ ବିଜୟ କୁମାର ମହାପାତ୍ର ଗୁରୁପୂର୍ଣ୍ଣିମାର ମହିମା ଓ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଶୋଭା ଅନୁଷ୍ଠାନର ସମ୍ପାଦିକା ରଞ୍ଜୁବାଳା ନନ୍ଦ ଧନ୍ୟବାଦ ଦେଇଥିଲେ।


ଗୁରୁପୂର୍ଣ୍ଣିମାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

■ ନିଶା ସେବନକାରୀଙ୍କୁ ବାରଣ କରିବା ମହଙ୍ଗା ପଡ଼ିଲା

# ଗ୍ରାମ ସଭାପତିଙ୍କୁ ଲୁହା ରଡ଼୍‌ରେ ଆକ୍ରମଣ

**ନୟାଗଡ଼ ଅଫିସ,୧୬।୭**



ଗିରଫ ଆଲୋକ ସାହୁ। ଗୁରୁତର ବଳଭଦ୍ର ନାୟକ।

**ଜଣେ ଭଡ଼ାଟିଆ ଗୁଣ୍ଡା ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର**

ଜଣେ ନିଶାସକ୍ତ ଯୁବକଙ୍କୁ ଗ୍ରାମ ସଭାପତି ନିଶା ଖାଇବାକୁ ବାରଣ କରିବା ପରେ ସେ ନ ମାନିବାରୁ ତାଙ୍କୁ ଏକଘରକିଆ କରି ରଖିଥିଲେ। ତେବେ ତାହା ଗ୍ରାମ ସଭାପତିଙ୍କ ପାଇଁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଯୁବକ ଗୁଣ୍ଡା ଲଗାଇ ତାଙ୍କୁ ମାଡ଼ ମାରିବାରୁ ସେ ଗୁରୁତର ହୋଇଛନ୍ତି। ଏହିଭଳି ଘଟଣା ଘଟିଛି ନୟାଗଡ଼ ସହର ପିଟିଏସ୍ ରୋଡଠାରେ।

ପ୍ରକାଶ ଯେ, ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଲିଙ୍ଗରାଜ ଦଳେଇ ନାମକ ଜଣେ ଯୁବକ ବିଭିନ୍ନ ସମୟରେ ମଦ୍ୟପାନ କରି ଗାଳିଗୁଲଜ କରନ୍ତି। ଏ ନେଇ ଗ୍ରାମ ସଭାପତି ବଳଭଦ୍ର ନାୟକ ତାଙ୍କୁ ଏହିପରି ନ କରିବାକୁ କହିଥିଲେ, ହେଲେ ଲିଙ୍ଗରାଜ ଏହି କଥାକୁ ମାନି ନ ଥିଲେ। ପୁନର୍ବାର ମଦ୍ୟପାନ କରି ଆସି ଗ୍ରାମରେ ଗାଳିଗୁଲଜ କରୁଥିଲେ। ଫଳରେ ୪ ମାସ ତଳେ ସଭାପତି ବଳଭଦ୍ର ତାଙ୍କୁ ଏକ ଘରିକିଆ କରି ରଖିଥିଲେ। ଏ ନେଇ ଲିଙ୍ଗରାଜ ବିଭିନ୍ନ ସମୟରେ ବଳଭଦ୍ରଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜୁଥିଲେ। ଏ ମଧ୍ୟରେ ଲିଙ୍ଗରାଜ ନାରାୟଣ ପାର୍କ ପାଖରେ ଫଳ ଦୋକାନ କରିଥିବା ସଦର ଥାନା ଷଠିଆପଲ୍ଲୀ ଗ୍ରାମର ଆଲୋକ ସାହୁଙ୍କ ସହିତ ସମ୍ପର୍କ ଯୋଡି ତାଙ୍କୁ ସୁପାରି ଦେଇ ଭଡ଼ାଟିଆ ଗୁଣ୍ଡା କରିଥିଲେ। ବଳଭଦ୍ର ଠିକାଦାର ହୋଇଥିବାରୁ ପିଟିଏସ୍‌ଠାରେ ଏକ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳ ୯ଟାରେ କାମ ପାଇଁ କଣ୍ଟା ଦରକାର ପଡ଼ିବାରୁ ବଳଭଦ୍ର ଓ ତାଙ୍କର ଜଣେ ସହଯୋଗୀ ବୁଲୁ ବିଧାର ସ୍କୁଟିରେ ସହରକୁ ଆସୁଥିଲେ। ବୁଲୁଙ୍କ କହିବାନୁସାରେ ସେମାନେ ସ୍କୁଟିରେ ସହରକୁ ଆସୁଥିବା ବେଳେ ପିଟିଏସ୍ ରୋଡ଼ଠାରେ ଲିଙ୍ଗରାଜ ଓ ଅନ୍ୟ ଜଣେ ଯୁବକ ବାଇକ୍‌ରେ ଆସିଥିଲେ। ପ୍ରଥମେ ବଳଭଦ୍ରଙ୍କ କାନରେ ବନ୍ଧୁକ ଲଗାଇ ଗାଡ଼ି ଅଟକାଇ ରଖିବା ସହିତ କାଗଜରେ ଗୁଡ଼ାଇ ଆଣିଥିବା ଏକ ରଡ଼ରେ ପିଟିଥିଲେ। ଏହା ପରେ ବଳଭଦ୍ର ଓ ସେ ସ୍କୁଟିରୁ ତଳେ ପଡ଼ି ଯାଇଥିଲେ। ପୁନର୍ବାର ଆସି ସେମାନେ ବଳଭଦ୍ରଙ୍କୁ ଲୁହାରଡ଼ରେ ବାଡ଼େଇବାରୁ ବୁଲୁ ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ। ଏହା ପରେ ପିଟିଏସ୍‌ରେ ଟ୍ରେନିଂ ନେଉଥିବା ଯୁବକ ଓ ସ୍ଥାନୀୟ ଲୋକମାନେ ଆଲୋକଙ୍କୁ କାବୁ କରି ନେଇଥିଲେ। ହେଲେ ଲିଙ୍ଗରାଜ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ସ୍ଥାନୀୟ ଲୋକମାନେ ଆଲୋକଙ୍କୁ ଟାଉନ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଆଲୋକଙ୍କୁ ଗିରଫ କରିଥିବା ବେଳେ ଲୁହା ରଡ଼ ଓ ବାଇକ୍‌କୁ ଜବତ କରିଛି। ଗିରଫ ସମୟରେ ଆଲୋକ ପ୍ରଚୁର ମଦ୍ୟପାନ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସେହିଭଳି ବଳଭଦ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲୁହାରଡ଼ ମାଡ଼ରେ ବଳଭଦ୍ରଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଥିବାରୁ ତାଙ୍କ ଅବସ୍ଥା ଗୁରୁତର ଅଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଆଲୋକଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ପୋଲିସ ସୂଚନା ଦେଇଛି।

## ଓଡ଼ଗାଁ ଥାନା ଅଞ୍ଚଳରେ ରାହାଜାନି
## ମହିଳା କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍

**ଓଡଗାଁ,୧୬।୭(ସ୍ୱ.ପ୍ର.)**

ଓଡଗାଁ ଥାନା ଅନ୍ତର୍ଗତ ଦରପଦା–ଓଡଗାଁ ରାସ୍ତାରେ ଜଣେ ମହିଳା କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୫୦ ହଜାର ୨୪୧ଟଙ୍କା ଛଡାଇନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଦୁର୍ବୃତ୍ତ ମାନଙ୍କୁ ଧରିବାକୁ ଉଦ୍ୟମ ଜାରିରଖିଛି । ଅନ୍ନପୂର୍ଣ୍ଣା ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କ୍ଷେତ୍ରୀୟ କର୍ମଚାରୀ ରାଜଲକ୍ଷ୍ମୀ ଜେନା ସାବିଦେଇପୁର ଗ୍ରାମର ମହିଳା ଗୋଷ୍ଠୀଙ୍କ ଠାରୁ ୫୦ହଜାର ୨୪୧ ଟଙ୍କା ଋଣ ଆଦାୟ କରି ତାଙ୍କ ସ୍କୁଟିରେ ଓଡଗାଁ ଫେରୁଥିଲେ । ମଧାହ୍ନ ପ୍ରାୟ ୧୨ଟାରେ ବାଉଁଶଗାଡିଆ ଠାରୁ ଅଳ୍ପ ଦୂର ଜନଶୂନ୍ୟ ରାସ୍ତାରେ୨ଜଣ ଦୁର୍ବୃତ୍ତ ବାଇକ ଯୋଗେ ଆସି ମହିଳାଙ୍କୁ ଅଟକାଇ ଭୁଜାଲି ଦେଖାଇ ତାଙ୍କ ଠାରୁ ଟଙ୍କା ବ୍ୟାଗ ଏବଂ ୨ଟି ମୋବାଇଲ ଛଡାଇନେଇ ଘଟଣା ସ୍ଥଳରୁ କେଉଁଆଡେ ଚମ୍ପଟ ମାରିଥିଲେ । ଏନେଇ ସମ୍ପୃକ୍ତ କର୍ମଚାରୀ ଓଡଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ୧୧୩/୧୯ ରେ ମାମଲା ରୁଜୁ କରି ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି ।

## ନୀଳାଦ୍ରି ବିଜେ: ମାହାରୀ ନୃତ୍ୟ ଓ ଭଜନ ସନ୍ଧ୍ୟା

**ଭାପୁର,୧୬।୭(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆୟୋଜିତ ହୋଇଥିଲା। ଭାପୁର ବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କମିଟି ତରଫରୁ ଠାକୁରଙ୍କ ଏହି କାର୍ଯ୍ୟକ୍ରମ ଆଡ଼ମ୍ବର ସହ ପାଳନ କରାଯାଇଛି। କମିଟି ମୁଖ୍ୟ କାର୍ଯ୍ୟକର୍ତ୍ତା ସୁମନ୍ତ କୁମାର ଜେନାଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ସୋମବାର ସନ୍ଧ୍ୟାରେ ଶ୍ରୀଜୀଉମାନଙ୍କ ନିଳାଦ୍ରୀ ବିଜେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାବେଳେ ଭୁବନେଶ୍ୱରସ୍ଥ ନୃତ୍ୟାୟନ ଟ୍ରଷ୍ଟର ନୃତ୍ୟଶିଳ୍ପୀ ସୁନୀତା ମହାରଣା ଓ ମୌସୁମୀ ରଣାଙ୍କ ମାହାରୀ ନୃତ୍ୟ ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲା। ନୃତ୍ୟ ପରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ, ଭିକାରୀ ମହମ୍ମଦ ଓ ଜ୍ୟୋତିର୍ମୟୀ ତ୍ରିପାଠୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ତହସିଲଦାର ସୁନୀତା ଜେନା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ରବୀନ୍ଦ୍ର କୁମାର ପଟ୍ଟନାୟକ, ସାମାଜିକ କର୍ମୀ ବସନ୍ତ କୁମାର ମାଝି, ଗଙ୍ଗାଧର ବାରିକ, ଜିତେନ୍ଦ୍ର କୁମାର ରଣସିଂ, ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ରାତ୍ର ୧୨ଟାରେ ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିବା ପରେ ମନ୍ଦିରକୁ ବିଜେ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥି ଓ କଳାକାର।

■ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ

# ଘରେ ପଶୁଛି ବର୍ଷା ଓ ନର୍ଦ୍ଦମା ପାଣି

**ଖଣ୍ଡପଡ଼ା,୧୬।୭(ସ୍ୱ.ପ୍ର.)**

- ଦୁର୍ଦ୍ଦଶାରେ ଦଣ୍ଡାସାହି ବାସିନ୍ଦା
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଜଳ ନିଷ୍କାସନ ସୁବିଧା ନ ଥିବାରୁ ସମ୍ପ୍ରତି ବର୍ଷା ଓ ନର୍ଦ୍ଦମା ପାଣି ଖଣ୍ଡପଡା–କଣ୍ଟିଲୋ ପୂର୍ତ୍ତବିଭାଗ ରାସ୍ତାର ମର୍ଦ୍ଦରାଜପୁର ଛକ ନିକଟରେ ଥିବା ପୋଲରେ ଜମାହୋଇ ଦଣ୍ଡାସାହି ରାସ୍ତା ଉପରେ ପ୍ରବାହିତ ହେଉଛି। ଏପରି କି ଏହି ଦୂଷିତ ଜଳ ଦଣ୍ଡାସାହି ବାସିନ୍ଦାଙ୍କ ଘର ମଧ୍ୟକୁ ପ୍ରବେଶ କରୁଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଖଣ୍ଡପଡ଼ା–କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତା ଗିରିଡି ପାଟଣାଠାରୁ ମର୍ଦ୍ଦରାଜପୁର ଛକ ପର୍ଯ୍ୟନ୍ତ ପୂର୍ତ୍ତ ବଭାଗ ପକ୍ଷରୁ ୩ବର୍ଷ ପୂର୍ବେ ଡ୍ରେନ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ କିଛି ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁ ଏହି ଡ୍ରେନ ଅସମ୍ପୂର୍ଣ୍ଣ ଭାବରେ ରହିଯାଇଛି । ଡ୍ରେନ ନିର୍ମାଣ ପୂର୍ବରୁ ଗିରିଡିପାଟଣାରୁ ଆସୁଥିବା ବର୍ଷା କିମ୍ବା ନର୍ଦ୍ଦମା ଜଳ ମର୍ଦ୍ଦରାଜପୁର ଧୁଆଁବାରୀ ପୋଖରୀ ଦେଇ ପଥରବାଟି ଖାତିଆରେ ପଡିଥାଏ । ଅପରପକ୍ଷେ ଏହି ପୂର୍ତ୍ତ ବିଭାଗ ରାସ୍ତାଠାରୁ ମର୍ଦ୍ଦରାଜପୁର–ବୋଦଶା ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ କରାଯାଇଥିଲେ ମଧ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇନାହିଁ। ଫଳରେ ଗିରିଡିପାଟଣା ଓ ମର୍ଦ୍ଦରାଜପୁର ଛକ ମଧ୍ୟରେ ଆବର୍ଜନା ସହ ଦୂଷିତ ଜଳ ଏକ ପୋଲ ପାଖରେ ଜମା ହୋଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରାସ୍ତା ଉପରେ ପ୍ରବାହିତ ହୋଇଥାଏ। ଏହି ଦୂଷିତ ପାଣି ସଂସ୍ପର୍ଶରେ ଆସି ଲୋକମାନେ ନାନା ରୋଗରେ ଅକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ସମ୍ପ୍ରତି ବର୍ଷାଋତୁ ସମୟରେ ସାମାନ୍ୟ ବର୍ଷା ହେଲେ ବି ନର୍ଦ୍ଦମା ପାଣି ସହ ବର୍ଷା ଜଳ ମର୍ଦ୍ଦରାଜପୁର ଛକଠାରୁ ନିମ୍ନ ଭାଗରେ ରହିଥିବା ଶାଳଝରିଆ ଦଣ୍ଡାସାହି ରାସ୍ତା ଉପରେ ପ୍ରବାହିତ ହୋଇ ସମସ୍ୟା ସୃଷ୍ଟି କରୁଛି । ଉଦ୍‌ବୃତ୍ତ ପ୍ରଦୂଷିତ ଜଳ ଦଣ୍ଡାସାହି ବାସିନ୍ଦାଙ୍କ ଘର ମଧ୍ୟକୁ ପ୍ରବେଶ କରି ଦୂଷିତ ପରିବେଶ ସୃଷ୍ଟି କରୁଛି। ୨ଦିନ ତଳେ ଏହି ସମସ୍ୟା ଯୋଗୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏକମାସ ତଳେ ଦଣ୍ଡାସାହି ବାସିନ୍ଦା ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାସହ ମର୍ଦ୍ଦରାଜପୁର ଛକଠାରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପୂର୍ତ୍ତ ବିଭାଗ ଡ୍ରେନ ସ୍ଥାନୀୟ ଅଞ୍ଚଳର ଅକୁରା କୂଅ ଦେଇ ନିକଟସ୍ଥ ରଥିଆ ନାଳ ପର୍ଯ୍ୟନ୍ତ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ପରିଡାଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଡ୍ରେନ ନିର୍ମାଣ ସମ୍ପୂର୍ଣ୍ଣ କରିବା ବ୍ୟବସ୍ଥା ରହିଛି। ଯେଉଁ ରାସ୍ତାପାର୍ଶ୍ୱ ଦେଇ ନର୍ଦ୍ଦମା ପାଣି ଯିବ ଉକ୍ତ ଅଞ୍ଚଳର କିଛି ଲୋକ ଏହାକୁ ବିରୋଧ କରିବାରୁ କାର୍ଯ୍ୟଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଯାଇଛି। ତେବେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗ ପକ୍ଷରୁ ଏଷ୍ଟିମେଟ ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ବର୍ଷା ସମୟରେ ସ୍ଥାନୀୟ ବାସିନ୍ଦା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ଏହାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ସୂଚନା ଦେଇଛନ୍ତି।


ଦଣ୍ଡାସାହି ମଧ୍ୟକୁ ପ୍ରବେଶ କରୁଥିବା ନର୍ଦ୍ଦମା ଜଳ।